ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୬ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 APRIL 2024

Vol.No. 35 ■ No.112 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନବୀନଙ୍କ ଉପରେ ବର୍ଷିଲେ ଶାହ

## ୨୦ ବର୍ଷରେ ବିକାଶ ଶୂନ, ଖଣି ଲୁଟ୍ ଚାଲିଛି, ଅଫିସରମାନେ ଭୟଙ୍କର ଭ୍ରଷ୍ଟାଚାରରେ ଲିପ୍ତ



ସୋନପୁର, ୨୫/୪ (ନି.ପ୍ର): ରାଜ୍ୟରେ ଆଜି ନିର୍ବାଚନୀ ପ୍ରଚାରର ବିଗୁଲ୍ ଫୁଙ୍କିଛନ୍ତି ବିଜେପି ଚାଣକ୍ୟ ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ । ଆଉ ସିଧାସଳଖ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରି ଏ ସରକାର ଅଫିସରମାନଙ୍କ ମାଧ୍ୟମରେ ଭୟଙ୍କର ଦୁର୍ନୀତିରେ ଲିପ୍ତ ବୋଲି କହିଛନ୍ତି । ଖୋଲାଖୋଲି ଖଣି ଲୁଟ୍ ଚାଲିଛି । ଦେଶର ସବୁଠୁ ଅଧିକ ଖଣିଜ ସମ୍ପଦ ଓଡ଼ିଶାରେ, ମାତ୍ର ସବୁଠୁ ବେଶୀ ଦାରିଦ୍ର ?ୟ ବି ଓଡ଼ିଶାରେ । ୨୦ବର୍ଷ ତଳେ ଓଡ଼ିଶାର ବିକାଶ ଯାହା ଥିଲା,ଏବେବି ସେୟା ରହିଛି । ପର୍ଯ୍ୟଟନର ବିକାଶ ନାଁରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀର ଗୌରବ ହାନି କରାଯାଇଛି । ଯିଏ ଓଡ଼ିଶାର ଭାଷା, ସଂସ୍କୃତି ଓ ଗୌରବରୁ ଦୂରେଇ ରହିଛି ସିଏ କଦାପି ପ୍ରଦେଶକୁ ଆଗେଇ ନେଇପାରିବ ନାହିଁ । ଏଭଳି କିଛି ଢଙ୍ଗରେ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରି ଶ୍ରୀ ଶାହ ବିଜେପିକୁ ଏଠାରେ ମାତ୍ର ୫ବର୍ଷ ଶାସନ ପାଇଁ ସୁଯୋଗ ଦେବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ କରିବା ସହ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆଜି ସୋନପୁରର ରାମେଶ୍ୱର ଷ୍ଟାଡ଼ିୟମଠାରେ ବିଜେପିର 'ବିଜୟ ସଂକଳ୍ପ ସମାବେଶ'କୁ ସମ୍ବୋଧିତ କରିଛନ୍ତି ବିଜେପିର ଚାଣକ୍ୟ ଶ୍ରୀ ଶାହ । ଓଡ଼ିଶାରେ ଚାରିଟି ପର୍ଯ୍ୟାୟ ନିର୍ବାଚନର ପ୍ରଚାର ପାଇଁ ଆଜି ବିଗୁଲ୍ ଫୁଙ୍କି ନିଜ କର୍ମୀ ଓ କ୍ୟାଡ଼ରଙ୍କ ମନୋବଳ ବଢ଼ାଇବା ସହ ଏଠାରେ ବିଜେଡି ଓ ନବୀନ ପଟ୍ଟନାୟକକୁ ବିଜେପି ସିଧାସଳଖ ଟାର୍ଗେଟ୍ କରିବ ବୋଲି ସନ୍ଦେଶ ଦେଇଛନ୍ତି । ଓଡ଼ିଶାରେ ନିର୍ବାଚନୀ ପ୍ରଚାର ମଇଦାନରେ ବିଜେପିର ପ୍ରଥମ ଷ୍ଟାର ପ୍ରଚାରକ ଭାବେ ଶ୍ରୀ ଶାହ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଶାଣିତ ସମାଲୋଚନା କରିବାକୁ ପଛାଇନାହାନ୍ତି । ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ବାହାବା ସାଉଁଟିବାକୁ ପ୍ରୟାସ କରୁଥିବା ବିଜେଡିକୁ ▶▶ପୃଷ୍ଠା ୭

## ଭୟଙ୍କର ଗ୍ରୀଷ୍ମ ପ୍ରବାହ: ୪୫ ଡିଗ୍ରୀ ପାର କରିବ ତାତି !



ଭୁବନେଶ୍ୱର, ୨୫/୦୪ (ନି.ପ୍ର): ଅସମ୍ଭାଳ ହେଉଛି ତାତି। ଆଗକୁ ଆହୁରି ବଢ଼ିବ। ଭୟଙ୍କର ରୂପ ଧାରଣ କରିବ ତାତି। ଅସ୍ତବ୍ୟସ୍ତ କରିବ ଜୀବନ ଯାତ୍ରା। ଆଜି ପରି ଆଗାମୀ ୪ ଦିନ ଘାଣ୍ଟିବ ତାତି। ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେବେ ଶୁକ୍ରବାର ଓ ଶନିବାର ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବା ନେଇ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହି ଦୁଇ ଦିନ ତାପମାତ୍ରା ୪୫ ଡିଗ୍ରୀ ପାର କରିବ ବୋଲି ଅନୁମାନ କରାଯାଉଛି। ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ି ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବ। ସେଥିପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ସୋନପୁର, ବୌଦ୍ଧ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ କେନ୍ଦୁଝରରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ▶▶ପୃଷ୍ଠା ୭

## ବୌଦ୍ଧରେ କମ୍ବିଂ ଅପରେସନ: ଟଳିଲେ ଦୁଇ ନକ୍ସଲ



ବୌଦ୍ଧ, ୨୫/୪ (ନି.ପ୍ର): ବୌଦ୍ଧରେ ମୁହାଁମୁହିଁ ହେଲେ ସୁରକ୍ଷା କର୍ମୀ ଓ ନକ୍ସଲ। ସୁରକ୍ଷା କର୍ମୀଙ୍କ କମ୍ବିଂ ଅପରେସନ ବେଳେ ଟଳି ପଡ଼ିଲେ ଦୁଇ ନକ୍ସଲ। । କଣ୍ଟାମାଳ ଥାନା ପଢ଼େଲ ଡ୍ୟାମ୍ ନିକଟ ଜଙ୍ଗଲରେ ଆଜି ସକାଳେ ହୋଇଛି ଏହି ଅପରେସନ । କିଛି ଦିନ ପୂର୍ବେ ଛତିଶଗଡ଼ରେ ହୋଇଥିବା ବଡ଼ ଧରଣର କମ୍ବି ଅପରେସନରେ ୨୯ ନକ୍ସଲ ସଫା ହୋଇ ଯାଇଥିଲେ। ଏହାପରେ ସେଠାରୁ ଛତ୍ରଭଙ୍ଗ ଦେଇଥିବା ବହୁ ନକ୍ସଲ ଓଡ଼ିଶାମୁହାଁ ହୋଇଥିବା ସୂଚନା ମିଳିଥିଲା। ତେଣୁ ଓଡ଼ିଶା ସୀମାରେ ଚେକିଂ,ବ୍ଲକିଂ, କମ୍ବିକୁ ଜୋରଦାର କରାଯାଇଛି। କିଛି ନକ୍ସଲ ପଢ଼େଲ ଡ୍ୟାମ୍ ନିକଟ ଜଙ୍ଗଲରେ ଥିବା ସୂଚନା ମିଳିବା ପରେ ଏସଓଜି ▶▶ପୃଷ୍ଠା ୭

## ପୋଖରୀରେ ବୁଡ଼ି ଦୁଇ ଭଉଣୀ ମୃତ

ପୁରୀ, ୨୫/୪ (ନି.ପ୍ର): ପୋଖରୀରେ ବୁଡ଼ି ଦୁଇ ଭଉଣୀ ମୃତ। ମୃତକଙ୍କ ନାଁ ହେଉଛି ସ୍ମୃତି ରେଖା ବରାଳ ଓ ଶୁଭଶ୍ରୀ ବରାଳ। ତାଙ୍କ ଘର ହେଉଛି ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଡଭାର ଗାଁରେ ବୋଲି ଜଣାପଡ଼ିଛି। ଡଭାର ଗାଁରେ ଥିବା ବଡ଼ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ଦୁଇ ଭଉଣି। ସେଠାରେ ଗଧୋଇଲା ବେଳେ ପାଣିରେ ବୁଡ଼ି ଯାଇଥିଲେ। ବିଳମ୍ବିତ ସମୟ ଯାଏଁ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗାଁ ଲୋକେ ଖୋଜାଖୋଜି କରିବା ପରେ ଉଭୟଙ୍କୁ ଅଚେତ ଅବସ୍ଥାରେ ଗାଁ ଲୋକେ ପୋଖରୀରୁ ଉଦ୍ଧାର କରିଥିଲେ। ଏହା ପରେ ଦୁଇ ଭଉଣୀଙ୍କୁ ସଙ୍ଗେସଙ୍ଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ପରିବାରୁ ଲୋକ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଗୋପ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ: ଦୁଇ ଗିରଫ



ଗଜପତି , ୨୫/୪ (ନି.ପ୍ର): କୋଟିଏ ଟଙ୍କାର ଗଞ୍ଜେଇ ଚାଲାଣ ବେଳେ ଜବତ କରିଛି ପୁଲିସ। ଚାଲାଣରେ ସଂପୃକ୍ତ ଥିବା ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିଫ ଅବିଯୁକ୍ତ ମାନେ ହେଲେ ମୋହନା ଥାନା ଚଢ଼ିଆପଦା ଗାଁ ରମେଶ ସ୍ୱାଇଁ ସିଂ ଓ ଅନ୍ୟ ଜଣେ ଦିଗପହଣ୍ଡି ଥାନା ବଡଡ୍ରୁମୁଳା ଗାଁର ହେମନ୍ତ ସ୍ୱାଇଁ। ଗଜପତି ଜିଲ୍ଲା ମୋହନା ଥାନା ପୁଲିସ କମଳାପୁର ଗେଟ୍ ନିକଟରେ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଗଞ୍ଜେଇ ନେଇ ଗୋଟିଏ ଗାଡ଼ିରେ ଆସୁଥିଲେ ଅଭିଯୁକ୍ତ ମାନେ। ପୁଲିସକୁ ଦେଖି ଗଞ୍ଜେଇ ଚାଲାଣକାରି ମାନେ ଚମ୍ପଟ୍ ମାରିବାକୁ ଉଦ୍ୟମ କରୁଥିଲେ। ପୁଲିସ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଘଟଣା ସ୍ଥଳରୁ ପୁଲିସ ୩୩ ବସ୍ତା ଗଞ୍ଜେଇ ଜବତ କରିଥିଲା। ଯାହାର ଓଜନ ୧୦ କୁଇଣ୍ଟାଲ୍ ୯ କେଜି ହେବ ଓ ଏହାର ଆନୁମାନିକ ମୂଲ୍ୟ କୋଟିର ଟଙ୍କା ହେବ ବୋଲି ପୁଲିସ ସୁଚନା ଦେଇଛି। ଗଞ୍ଜେଇ ଚାଲାଣ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି।

## ମୁଖ୍ୟମନ୍ତ୍ରୀ ଜଗନ ୫୨୯.୫୦ କୋଟି ଟଙ୍କାର ମାଲିକ

ଆନ୍ଧ୍ରପ୍ରଦେଶ, ୨୫/୪: ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ ଆଜି ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୁଲିଭେନ୍ଦୁଲା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଜଗନ କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ସରକାର ଗଠନ କରିବାକୁ ଲକ୍ଷ୍ୟରେ ରହିଛନ୍ତି। ଆଜି ସେ ହଜାର ହଜାର ସମର୍ଥକ ଓ ଦଳୀୟ ନେତାଙ୍କ ସହ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନ ବେଳେ ଜଗନ ମୋହନ ନିଜ ସମ୍ପତ୍ତିର ସୂଚନା ଦେଇଛନ୍ତି। ସତ୍ୟପାଠ ଅନୁସାରେ, ଜଗନମୋହନ ▶▶ପୃଷ୍ଠା ୭

## ନିର୍ବାଚନ ଆଚରଣ ବିଧି ଉଲଂଘନ ନେଇ ବିଜେପି ଓ କଂଗ୍ରେସକୁ ନୋଟିସ୍ ପଠାଇଲେ ନିର୍ବାଚନ ଆୟୋଗ



ନୂଆଦିଲ୍ଲୀ, ୨୫/୪ : ନିର୍ବାଚନୀ ଋତୁରେ ରାଜନୈତିକ ମାହୋଲ ସରଗରମ ହୋଇପଡ଼ିଛି । ଏ ଭିତରେ ନିର୍ବାଚନୀ ଆଚରଣ ବିଧି ଉଲଂଘନ ଅଭିଯୋଗ ମଧ୍ୟ ଆସୁଛି। ଏବେ ପ୍ରଧାନମନ୍ତ୍ରୀ ମୋଦୀ ଓ କଂଗ୍ରେସର ସବୁଠୁ ବଡ଼ ଚେହେରା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏପରି ଅଭିଯୋଗ ଆସିଛି । ଏହା ନିର୍ବାଚନ ଆୟୋଗଙ୍କ ଦୃଷ୍ଟିକୁ ଆସିଛି। ଏନେଇ ନିର୍ବାଚନ ଆୟୋଗ ପଦକ୍ଷେପ ନେଇଛନ୍ତି । ଉଭୟ ବିଜେପି ଓ କଂଗ୍ରେସ ଠାରୁ ଜବାବ ମାଗିଛନ୍ତି ଇସି । ଏପ୍ରିଲ ୨୯ ଦିନ ୧୧ ସୁଦ୍ଧା ଏହି ଜବାବ ରଖିବାକୁ ପଡ଼ିବ । ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଇସିଙ୍କ ପକ୍ଷରୁ ନୋଟିସ୍ ପଠାଯାଇଛି । ନିର୍ବାଚନ ଆୟୋଗଙ୍କ କହିଛନ୍ତି ଯେ, "ଦଳୀୟ ପ୍ରଚାରକ, ବିଶେଷକରି ଷ୍ଟାର ପ୍ରଚାରକଙ୍କ ବ୍ୟବହାର ନେଇ ସମ୍ପୃକ୍ତ ଦଳଙ୍କୁ ଦାୟିତ୍ୱ ନେବାକୁ ହେବ । ନିର୍ବାଚନୀ ପ୍ରଚାର ବେଳେ ଭାଷଣ ଗୁରୁତ୍ୱ ରଖେ । ବଡ଼ ବଡ଼ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ଭାଷଣର ଢେର ପ୍ରଭାବ ଓ ଗୁରୁତ୍ୱ ରଖିଥାଏ' । ଉଭୟ ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାପରେ ପଦକ୍ଷେପ ନେଇଛନ୍ତି ନିର୍ବାଚନ ଆୟୋଗ । ତେବେ ମୋଦୀ ଓ ରାହୁଲଙ୍କ ଯେଉଁ ଭାଷଣ ପାଇଁ ▶▶ପୃଷ୍ଠା ୭

## ମହୁଆଙ୍କୁ ଆଶ୍ୱସ୍ତି: ମାନହାନୀ ମାମଲା ଫେରାଇ ନେଲେ ଅନନ୍ତ

କୋଲକାତା, ୨୫/୪ : ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ରାଙ୍କୁ ମିଳିଲା ଆଶ୍ୱସ୍ତି। ତାଙ୍କ ବିରୋଧରେ କରିଥିବା ମାନହାନୀ ମାମଲାକୁ ଫେରାନେଲେ ତାଙ୍କ ପୂର୍ବତନ ସାଥୀ ତଥା ଓକିଲ ଜୟ ଅନନ୍ତ ଦେହାଦ୍ରି। ଦିଲ୍ଲୀ ହାଇକୋର୍ଟରେ ମହୁଆଙ୍କ ବିରୋଧରେ ଅନନ୍ତ ଦେହାଦ୍ରି ମାନହାନୀ ମକଦ୍ଦମା କରିଥିଲେ। ତେବେ ଏହାକୁ ଆପୋଷ ବୁଝାମଣାରେ ଫେରାଇ ନେଇଥିବା ସେ ସୂଚନା ଦେଇଛନ୍ତି। ଗତ ବର୍ଷ ଲାଞ୍ଚ ନେଇ ସଂସଦରେ ମହୁଆ ମୋଇତ୍ରା ପ୍ରଶ୍ନ ପଚାରିବା ନେଇ ଅଭିଯୋଗ ଆଣିଥିଲେ ଅନନ୍ତ ଦେହାଦ୍ରି। ଏହାପରେ ମହୁଆ ଏହି ଅଭିଯୋଗକୁ ମିଛ ବୋଲି କହିବା ସହ ତାଙ୍କ ବିରୋଧରେ ଅପମାନଜନକ ପୋଷ୍ଟ ସେୟାର କରିଥିଲେ। ▶▶ପୃଷ୍ଠା ୭

## ୟୁପିର ରାଏବରେଲିରୁ ନିର୍ବାଚନ ଲଢ଼ିପାରନ୍ତି ପ୍ରିୟଙ୍କା ଗାନ୍ଧୀ: ସେପଟେ ଅମେଥିରୁ ରାହୁଲ ପୁଣିଥରେ ଲଢ଼ିବା ସମ୍ଭାବନା



ନୂଆଦିଲ୍ଲୀ, ୨୫/୪ (ନି.ପ୍ର): କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ବହୁ ଆସନରେ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନରେ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ । ଏହି ଦୁଇ ଆସନ ହେଲା ଆମେଠି ଓ ରାଏବରେଲି । ଉତରପ୍ରଦେଶର ଏହି ଦୁଇ ଆସନକୁ କଂଗ୍ରେସର ଗଡ଼ ବୋଲି କୁହାଯାଏ। ପିଢ଼ି ପରେ ପିଢ଼ି କଂଗ୍ରେସ ନେତା ବିଶେଷକରି ଗାନ୍ଧୀ ପରିବାରର ସଦସ୍ୟ ଏହି ଦୁଇ ଆସନରୁ ବିଜୟୀ ହୋଇଆସିଛି । ହେଲେ ଏଥର ଏହି ଦୁଇ ଆସନରୁ କିଏ ଲଢ଼ିବ, ତାକୁ ନେଇ ସସପେନ୍ସ ଜାରି ରହିଛି । ତେବେ ଶୁକ୍ରବାର ଏନେଇ ସ୍ପଷ୍ଟତା ଆସିଯିବାର ସମ୍ଭାବନା ରହିଛି । ପ୍ରିୟଙ୍କା ଗାନ୍ଧୀ ଭଦ୍ରା କଂଗ୍ରେସର ମହାସଚିବ ଭାବେ କିଛି ବର୍ଷ ହେଲା କାର୍ଯ୍ୟ ତୁଲାଇ ଆସୁଥିଲେ ବି ଏଯାଏଁ ସିଧାସଳଖ ନିର୍ବାଚନ ଲଢ଼ି ନାହାନ୍ତି। ଆଉ ଯଦି କଂଗ୍ରେସ ତାଙ୍କୁ ଏଥର ପ୍ରାର୍ଥୀ କରିବାକୁ ଚାହେଁ, ତାହେଲେ ରାଏବରେଲି ଠାରୁ ଭଲ ଆସନ ଆଉ କ'ଣ ହୋଇପାରିବ ? ରାଏବରେଲିରୁ ଲଗାତର ଭାବେ ଲଢ଼ି ଜିତିଆସୁଥିଲେ ସୋନିଆ ଗାନ୍ଧୀ । ହେଲେ ସେ ଏଥର ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ସ୍ପଷ୍ଟ କରିସାରିଛନ୍ତି । ଏହାସହ ରାଜ୍ୟସଭାକୁ ନିର୍ବାଚିତ ହୋଇସାରିଛନ୍ତି । ତେଣୁ ଏହି ଆସନରେ କଂଗ୍ରେସ ପ୍ରିୟଙ୍କାକୁ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ଆମେଠି ଆସନରୁ ପୁଣି ଥରେ ରାହୁଲ ଗାନ୍ଧୀ ▶▶ପୃଷ୍ଠା ୭

## ଆଜି ଦ୍ୱିତୀୟ ପର୍ଯ୍ୟାୟ ଲଢ଼େଇ: ୧୩ଟି ରାଜ୍ୟରେ ପଡ଼ିବ ଭୋଟ



ନୂଆଦିଲ୍ଲୀ, ୨୫/୪ : ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ। ମହାଯୁଦ୍ଧ ପାଇଁ ଗତକାଲି ପ୍ରଚାର ଲଢ଼େଇ ଥମିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ପୋଲିଂ ଷ୍ଟେସନ୍‌ଗୁଡ଼ିକରେ ପହଞ୍ଚିବାରେ ଲାଗିଛନ୍ତି ପୋଲିଂ କର୍ମଚାରୀ। ଆସନ୍ତାକାଲି ୧୩ଟି ରାଜ୍ୟର ୮୯ଟି ଆସନରେ ପଡ଼ିବ ଭୋଟ୍। ବିହାରର ୫ଟି, ଛତିଶଗଡ଼ର ୩ଟି, କର୍ଣ୍ଣାଟକର ୧୪ଟି, ମଧ୍ୟପ୍ରଦେଶର ୭ଟି, ଉତ୍ତରପ୍ରଦେଶର ୮ଟି, ପଶ୍ଚିମବଙ୍ଗର ୩ଟି, ମହାରାଷ୍ଟ୍ରର ୮ଟି, ରାଜସ୍ଥାନର ୧୩ଟି, ମଣିପୁରର ଗୋଟି, କେରଳର ୨୦, ତ୍ରିପୁରା ଏବଂ ଜମ୍ମୁ କଶ୍ମୀରର ଗୋଟିଏ ଲେଖାଏଁ ଆସନ ଏବଂ ଆସାମର ୫ଟି ସିଟ୍ ପାଇଁ ହେବ ମତଦାନ। ଏହି ୧୩ଟି ରାଜ୍ୟର ମତଦାତା ୧୨୦୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ରାହୁଲ ଗାନ୍ଧୀ, ଅରୁଣ ଗୋବିଲ୍, ଶଶି ଥରୁର, ହେମାମାଳିନୀଙ୍କ ଭଳି ବହୁ ହେଭିୱେଟ୍। ▶▶ପୃଷ୍ଠା ୭

# ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକରୁଛି ସ୍ୱତନ୍ତ୍ର ୟୁନିଟ୍




ଭୁବନେଶ୍ୱର, ୨୫/୪ (ନି.ପ୍ର): ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଦିନକୁ ଦିନ ବୃଦ୍ଧି ଘଟୁଥିବା ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ କାର୍ଯ୍ୟକାରୀ ହୋଇଛି। ଅସହ୍ୟ ଗ୍ରୀଷ୍ମ କାରଣରୁ ଦେଖାଯାଉଥିବା ସନ୍ ଷ୍ଟ୍ରୋକ୍ ତଥା ଅନ୍ୟାନ୍ୟ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଏମ୍ସରେ ଏହି ଉତ୍ସର୍ଗୀକୃତ ୟୁନିଟ୍ କାର୍ଯ୍ୟ କରିବ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ତଥା ଏନେଇ ସୃଷ୍ଟି ହେଉଥିବା ସମ୍ଭାବ୍ୟ ଆପତକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ ବିଶେଷ ସହାୟକ ହେବାନେଇ ଆଶାବ୍ୟକ୍ତ କରିଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଆବଶ୍ୟକୀୟ ଚିକିତ୍ସା ସୁବିଧା ସହିତ ବିଭିନ୍ନ ବିଭାଗର ଡାକ୍ତରଙ୍କ ପକ୍ଷରୁ ଏହି ୟୁନିଟ୍‌ରେ ସେବା ପ୍ରଦାନ କରାଯିବ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ସେହିପରି ପ୍ରଖର ଖରାରେ ନିହାତି ଆବଶ୍ୟକ ନଥିଲେ ବାହାରକୁ ନବାହାରିବାକୁ ସେ ପରାମର୍ଶ ଦେଇଛନ୍ତି। ଜରୁରୀ ପରିସ୍ଥିତିରେ ଦିନବେଳା ବାହାରକୁ ଯିବା ସମୟରେ ସମସ୍ତ ସତର୍କତାମୂଳକ ପଦକ୍ଷେପ ଯେପରିକି ସାଙ୍ଗରେ ଛତା, ଓଦା ଗାମୁଛା କିମ୍ବା ଟାୱେଲ୍ ଏବଂ ପାଣି ବୋତଲ ଭଳି ସାମଗ୍ରୀ ନେବାକୁ ଡ. ବିଶ୍ୱାସ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଆୟୁଷ ବିଭାଗରେ କାର୍ଯ୍ୟକ୍ଷମ ଛଅ ଶଯ୍ୟା ବିଶିଷ୍ଟ ଏହି ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ ୟୁନିଟ୍ ଗତ ସପ୍ତାହରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍ସ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏଯାବତ ଏମ୍ସ ଭୁବନେଶ୍ୱର ପକ୍ଷରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସନ୍ ଷ୍ଟ୍ରୋକ୍ ପିଡ଼ୀତ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଗଲାଣି। ଜେନେରାଲ୍ ମେଡିସିନ୍, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି ଏବଂ ଆୟୁଷ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକରେ ଏହି ୟୁନିଟ୍‌ର ସଫଳ ପରିଚାଳନା କାର୍ଯ୍ୟଶୈଳୀ ପ୍ରସ୍ତୁତି ସୁନିଶ୍ଚିତ କରାଯାଇଥିଲା।

ମେଡିସିନ୍ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ ବେହେରାଙ୍କୁ ହିଟ୍ ଷ୍ଟ୍ରୋକ ୟୁନିଟ୍‌ର ନୋଡାଲ୍ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି। ଏହି ୟୁନିଟ୍‌ରେ ଆବଶ୍ୟକୀୟ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆରଏସ ଆଦି ଗଚ୍ଛିତ ରଖାଯାଇଛି। ସେହିପରି ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରୀ କର୍ମଚାରୀମାନେ ସଜାଗ ଅଛନ୍ତି। ଜନସାଧାରଣଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଏମ୍ସ ଭୁବନେଶ୍ୱର ସର୍ବଦା ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଏଥିସହିତ ଏହି ଗ୍ରୀଷ୍ମ ପ୍ରବାହ ଏବଂ ପ୍ରଚଣ୍ଡ ତାତିର ଅବଧି ମଧ୍ୟରେ ଲୋକମାନେ ସେମାନଙ୍କ ସୁସ୍ଥତାକୁ ପ୍ରାଥମିକତା ଦେବା ଆବଶ୍ୟକ।

# ବିଲୁପ୍ତ ଅବସ୍ଥାରେ ଘରଚଟିଆ: ପୂର୍ବ ଭଳି ଆଉ ଶୁଭୁନାହିଁ ଚିକିରି ମିକିରି ଡାକ



ଝରିଗାଁ, ୨୫/୪ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ କିଛି ବର୍ଷ ପୂର୍ବେ ଘରଚଟିଆ ଦେଖିବାକୁ ମିଳୁଥିଲା। ଘର ଅଗଣାରେ ଧାନ, ମାଣ୍ଡିଆ ତଥା ଅନ୍ୟାନ୍ୟ ଶସ୍ୟ ସୁଖେଇଲେ ଜଣେ ଲୋକ ବାଡ଼ି ଧରି ଜଗିବା ପାଇଁ ପଡୁଥିଲା। କାଳେ ସୁଖେଇ ଥିବା ଶସ୍ୟକୁ ଘର ଚଟିଆ ଆସି ଖାଇଯିବେ ବୋଲି। କିନ୍ତୁ ବର୍ତ୍ତମାନ ସ୍ଥିତିରେ ବିଲୁପ୍ତ ହେବାକୁ ବସିଲାଣି ଘରଚଟିଆ। ଆଉ ଶୁଭୁନାହିଁ ଘର ଚାଟିଆର ଚିକିରି ମିକିରି ଡାକ। ମଣିଷ ସମାଜ ତଥା ଚାଷୀର ପରମ ବନ୍ଧୁ ଭାବେ ବେଶ ଜଣାଶୁଣା ଏହି ଘରଚଟିଆ ଗାଁ ଗହଳିରେ ଆଉ ଦେଖିବାକୁ ମିଳୁ ନାହାନ୍ତି। ଗାଁରେ ଥିବା ଚାଲିଆ ଘରେ ଘରଚଟିଆ ବାସ କରି ରହୁଥିଲେ। ବର୍ତ୍ତମାନ ଗାଁ ଗହଳିରେ ପ୍ରାୟ ଚାଲିଆ ଘର ନଥିବା ଯୋଗୁଁ ଏହି ପକ୍ଷୀ ଆଉ ଦେଖା ଯାଉ ନାହାନ୍ତି। ଏହା ମଧ ଘରଚଟିଆ ବିଲୁପ୍ତ ହେବାର ଏକ ମୁଖ୍ୟ କାରଣ ବୋଲି କୁହାଯାଇପାରେ। ସେହିପରି ଜଙ୍ଗଲ ଓ ପରିବେଶ ସନ୍ତୁଳନ ହରେଇବା ସହ ଗାଁ ଗାଁରେ କଂକ୍ରିଟ ରାସ୍ତା ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଘରଚଟିଆ ଗୋଟିଏ ଛୋଟିଆ ପକ୍ଷୀ ହୋଇଥିଲେ ମଧ ଲୋକ ମାନଙ୍କ ବେଶ ଖୁସି ଉନ୍ମୋଚନ ସୃଷ୍ଟି କରିଥାଏ। ଘର ଚାଲିଆରେ ବସା ବାନ୍ଧି ଚିକିରି ମିକିରି ଶବ୍ଦ କରି ଘର ଚାରି ପାଖେ ବୁଲିବା ଥାଏ ଘରଚଟିଆ।ସତେ ଯେପରି ଲୋକମାନଙ୍କ ସହ ତାଙ୍କର ସମ୍ପର୍କ ରହିଛି। ତେଣୁ ବଣ ଜଙ୍ଗଲରେ ନରହି ଲୋକ ରହୁଥିବା ଚାଲିଆ ଘରେ ବସା କରିଥାଏ। ସମୟର ପରିବର୍ତ୍ତନ ହେବା ସହ ସବୁ କିଛି ବଦଳି ଗଲାଣି। ପ୍ରଶାସନ ପକ୍ଷରୁ କଚ୍ଚା ଘର ଗୁଡିକୁ ପକ୍କା ଘର କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ପ୍ରଶାସନ ଏହା ଘୋଷଣା କରିବା ପରେ ଲୋକମାନଙ୍କ ପାଇଁ ଖୁସି ଆଣି ଦେଇଥିବା ବେଳେ ଘରଚଟିଆ ପାଇଁ ଏହା କାଳ ସାଜିଛି। ପ୍ରାୟ ଚାଳଘର ପକ୍କା ଘରରେ ପରିବର୍ତ୍ତନ ହେବା ପରେ ଘରଚଟିଆଙ୍କ ସଂଖ୍ୟା କମିଯାଉଛି। ଖାଲି ସେତିକି ନୁହଁ ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁଁ ଟାୱାରରୁ ବାହାରୁଥିବା ତରଙ୍ଗ ଯୋଗୁଁ ଘରଚଟିଆଙ୍କ ସଂଖ୍ୟା ବିଶେଷ ଭାବରେ କମି ଯାଉଥିବା ମଧ କୁହାଯାଉଛି। ଘରଚଟିଆ ମାନଙ୍କ ସୁରକ୍ଷା ଓ ସେମାନଙ୍କ ବଂଶ ବୃଦ୍ଧି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପ୍ରଶାସନ ପକ୍ଷରୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ଅଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମା' ସିଦ୍ଧଚଣ୍ଡି ପାଠାଗାରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାନଗାଁ ସ୍ଥିତ ମା' ସିଦ୍ଧଚଣ୍ଡୀ ପାଠାଗାରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାଂଚଳ ରେଳ ବିଭାଗର ଅବସରପ୍ରାପ୍ତ ଯନ୍ତ୍ରୀ ବିଭୁତି ଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସମାଜସେବୀ ଶୁଭଙ୍କର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଶ୍ରୀମଦ୍ ବାବା ବଳିଆଙ୍କ ପ୍ରଧାନଶିଷ୍ୟ ତଥା ଶିଶୁ ଅନନ୍ତ ଆଶ୍ରମର ପରିଚାଳକ ଗୋପାଳ ଦାସ ମୁଖ୍ୟବକ୍ତା, ବାଲିଆ ବଜାର କମିଟି ସଭାପତି ପ୍ରମୋଦ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପତି, କରୁଣାକର ସ୍ୱାଇଁ, ନାରାୟଣ ସ୍ୱାଇଁ, ଗଜେନ୍ଦ୍ର କୁମାର ମହାନ୍ତି, ସରୋଜକାନ୍ତ ସାମଲ ଓ ମଦନମୋହନ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳରେ ପାଠାଗାରର ଆବଶ୍ୟକତା, ଚରିତ୍ର ଗଠନ ଏବଂ ସତ୍‌ମାର୍ଗରେ ପରିଚାଳିତ ହେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀ ଦାସ ଦିବ୍ୟବାଣୀ ପ୍ରଦାନ କରିଥିଲେ। ସସ୍ମିତା ରାଉତ, ବର୍ଷା, ପ୍ରିୟଦର୍ଶନୀ ସାମଲ, ପ୍ରଜ୍ଞାଶ୍ରୀ ମଣ୍ଡଳ ପ୍ରମୁଖ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ନାଟକ "ବୁଢ଼ାଶଙ୍ଖାରୀ" ପରିବେଷଣ କରାଯାଇଥିଲା। ସଂଯୋଜକ ପର୍ଶୁରାମ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭୁତି ଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଏବଂ ମନୋଜ କୁମାର ବାରିକ ମଂଚ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରମ୍ଭ ହେଲାଣି ଜଳସଙ୍କଟ: ନଳକୂପରୁ ବାହାରୁନି ପାଣି

କୋରେଇ, ୨୫/୪ (ନି.ପ୍ର): ପ୍ରଚଣ୍ଡ ରୌଦ୍ରତାପ ସାଂଗକୁ ଏବେ କୋରେଇ ବ୍ଲକରେ ଆରମ୍ଭ ହେଲାଣି ଜଳ ସଙ୍କଟ । ଯାହା ଦ୍ୱାରା ଜନଜୀବନ ପ୍ରଭାବିତ ହେବା ଦେଖିବାକୁ ମିଳିଛି । ଅନେକ ସ୍ଥାନରେ ନଳକୂପରୁ ପାଣିବାହାରୁନି । ଫଳରେ ସାଧାରଣ ଜନତା ପିଇବା ପାଣି ଓ ଶୌଚ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରଚଣ୍ଡ ଖରା ଓ ତାତି ସହିତ ଭୂତଳ ଜଳସ୍ତର କମିଯିବାରୁ ସାଧାରଣ ନଳକୂପରୁ ପାଣି ବାହାରୁ ନାହିଁ । ଫଳରେ ବ୍ଲକର ୧୮ ପଂଚାୟତ ପ୍ରଭାବିତ ହୋଇଛି । କୋରେଇ ବ୍ଲକର ତଳଗଡ, ପାଟରଂଗା, ଅନ୍ଧାରୀ, ପଚ୍ଛିକୋଟ, ତାହାରପୁର, କନ୍ତୋର , କାଚରାସାହି, ତୁଳତୀ, ସାଦକପୁର, ହଳଦୀ ଗଡିଆ, ଜହ୍ନା, ଖମଣ, କରଦା, ପଥରପଦା, ପାଣିକୋଇଲି, ଧନେଶ୍ୱର, ତାରାକୋଟ, ବରୁଣ୍ଡାଇ ଆଦି ପଂଚାୟତରେ ଜଳସଂକଟ ଦେଖାଦେଇଛି । କେତେକ ପଂଚାୟତରେ ହୋଇଥିବା ବସୁଧା ଯୋଜନାରେ ଓଭରହେଡ ଜଳଯୋଗାଣ ମଧ୍ୟ ସଠିକ ଭାବେ ହେଉନାହିଁ ।ଡାଲୁଅ ଧାନ ଯୋଗୁ ଅଗଭୀର ନଳକୂପ ଚାଲୁ ରହୁଥିବାରୁ ଜଳସ୍ତର କମିବାରେ ଲାଗିଛି । ଫଳରେ ନଳକୂପରୁ ପାଣି ବାହାରୁ ନାହିଁ । ତୁରନ୍ତ ଜଳସଙ୍କଟ ଦୂର କରିବା ନିମନ୍ତେ ପଦକ୍ଷେପ ନେବାରୁ କୋରେଇ ବ୍ଲକ କୃଷକ ମଂଚର ସଭାପତି ବଳରାମ ସାହୁ ଦାବି କରିଛନ୍ତି ।

# ଖତଖାଉଛି ଆରଏମ୍ସିର ଅଳିଆବୁହା ଗାଡ଼ି: ୬୦ରୁ ଚାଲୁଛି ୩୫ ବ୍ୟାଟେରି ଯାନ




ରାଉରକେଲା, ୨୫/୪ (ନି.ପ୍ର): ରାଉରକେଲା ମହାନଗର ନିଗମ (ଆରଏମ୍ସି)ର ପ୍ରକଳ୍ପ ପରିଚାଳନା ୟୁନିଟ୍ (ପିଏମ୍ୟୁ) ଓ ଠିକାସଂସ୍ଥାର ଭିତିରି ସମ୍ପର୍କରୁ ଅନେକ ପ୍ରକଳ୍ପ ସହରବାସୀଙ୍କ କାମରେ ଆସୁନି। ଗୋଟିଏ କି ଦୁଇଟି ନୁହେଁ ପିଏମ୍ୟୁ ଦ୍ୱାରା ଯେତେଗୁଡ଼ିଏ ପ୍ରକଳ୍ପ ହୋଇଛି, ପ୍ରାୟ ଅଧିକାଂଶର ସ୍ଥିତି ଖରାପ। ହାଣ୍ଡିରୁ ଗୋଟିଏ ଭାତ ଚିପିଲା ପରି ଅଳିଆବୁହା ବ୍ୟାଟେରି ଗାଡ଼ିକୁ ଉଦାହରଣ ଭାବେ ନିଆଯାଇପାରେ। ସହରର ୪୦ଟି ୱାର୍ଡରୁ ଅଳିଆ ଆର୍ବଜନା ସଂଗ୍ରହ କରିବାକୁ ଆରଏମ୍ସି ପିଏମ୍ୟୁ ଜରିଆରେ ୬୦ଟି ବ୍ୟାଟେରି ଚାଳିତ ମାଲବାହୀ ଅଟୋ କିଣାଯାଇଥିଲା। ଏଥିସହ ଏହା ପୂର୍ବରୁ ପ୍ରାୟ ୮୦୦ରୁ ଅଧିକ ତିନି ଚକିଆ ଠେଲା ମଧ କିଣାଯାଇଛି। ୬୦ଟି ବ୍ୟାଟେରି ଚାଳିତ ମାଲବାହୀ ଅଟୋରୁ ୩୫ଟି ଗଡୁଛି। ୨୫ଟି ବ୍ୟାଟେରି ଅଟୋ ଛେଣ୍ଡ ବାଗବୁଡ଼ି ବସ୍ତିସ୍ଥ ଆରଏମ୍ସ୍ ୟାର୍ଡରେ ଖତ ଖାଉଛି। ବାକି ଯେଉଁ ୩୫ଟି ଚାଲୁଛି, ତା' ମଧ୍ୟରୁ କିଛି ଅଟୋ ଅଧିକାଂଶ ସମୟରେ ଖରାପ ହେଉଛି। ମାସମାସ ଧରି ପଡ଼ିଥିବା ଅଟୋଗୁଡ଼ିକୁ ଠିକାସଂସ୍ଥା ପକ୍ଷରୁ ମରାମତି କରାଯାଉ ନାହିଁ। ମରାମତି ପରେ ପଡ଼ି ରହିଥିବା ଅଟୋଗୁଡ଼ିକ ଚାଲିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି।

ଆରଏସ୍ପି କର୍ତ୍ତୃପକ୍ଷ ମଧ ଏ ଦିଗରେ ଧ୍ୟାନ ଦେଉନାହାନ୍ତି। 'ସରକାର କା ମାଲ୍, ଦରିଆ ମେ ଡାଲ୍' ପରି ପ୍ରାୟ କୋଟିଏ ଟଙ୍କାର ସମ୍ପତ୍ତି ଖତଖାଉଛି। ସେମିତି ପ୍ରାୟ ୪୦୦ରୁ ଅଧିକ ୩ ଚକିଆ ଅଳିଆ ଠେଲା ବ୍ୟବହାର ନ ହୋଇ ପଡିଛି। ଏଥିରୁ ୩୦% ଖରା ବର୍ଷାରେ ନଷ୍ଟ ହୋଇଗଲାଣି। ଏଥିପ୍ରତି କାହାରି ଦୃଷ୍ଟି ନାହିଁ। ବ୍ୟାଟେରି ଚାଳିତ ମାଲ୍‌ବାହୀ ଅଟୋ କିଛି ମାସ ଚାଲିବା ପରେ ଅଚଳ ହୋଇଯିବା ଓ ତିନିଚକିଆ ଠେଲାଗୁଡ଼ିକ ଖତ ଖାଇବା ପଛରେ ବଡଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଆବଶ୍ୟକ ନଥାଇ ଏତେ ସଂଖ୍ୟାରେ ଗାଡ଼ି କାହିଁକି କିଣାଯାଇଥିଲା, କିଛି ମାସ ପରେ ସେଗୁଡ଼ିକ କାହିଁକି ବନ୍ଦ ହୋଇଗଲା, ଏସବୁରେ କାହାର ସଂପୃକ୍ତି ରହିଛି ସେସବୁର ବିସ୍ତୃତ ତଦନ୍ତ କରିବାକୁ ଦାବି ହେଉଛି। ରାଉରକେଲା ମହାନଗର ନିଗମ ୪୦ଟି ୱାର୍ଡରୁ ଦୈନିକ ପ୍ରାୟ ୫୦ ଟନ୍‌ରୁ ଅଧିକ ଆବର୍ଜନା ବାହାରୁଛି। ୪୦ ୱାର୍ଡ ଅନ୍ତର୍ଗତ ୧୩୨ ବସ୍ତିର ୪୦ ହଜାର ୪୮୦ ଘର ଓ ୧୮ ହଜାର ୫୦୦ କୋଠାରୁ ଆବର୍ଜନା ସଂଗ୍ରହ କରାଯାଉଛି। ଆବର୍ଜନା ପରିଚାଳନା ପାଇଁ ବ୍ୟାଟେରି ଚାଳିତ ମାଲବାହୀ ଅଟୋ, ୩ ଚକିଆ ଠେଲା, କିଛି ଡିଲେଜ ମାଲବାହୀ ଅଟୋ ସହ ଡମ୍ପର ଓ ଟ୍ରାକ୍ଟର ମଧ ବ୍ୟବହାର ହେଉଛି। ଆରଏମ୍ସି ପରିବହନ ବିଭାଗ ଅଧୀନରେ ପରିଚାଳିତ ହେଉଥିବା ଗାଡ଼ିଗୁଡ଼ିକ ଠିକ୍ ଭାବେ ଚାଲୁଛି କି ନାହିଁ, ତା'ର ତଦାରଖ କରାଯାଉ ନାହିଁ। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳାରୁ ସରକାରଙ୍କ କୋଟିକୋଟି ଟଙ୍କା ବରବାଦ ହେଉଥିବା ଅଭିଯୋଗ ହେଉଛି। ହେଲେ ଆରଏମସି କର୍ତ୍ତୃପକ୍ଷ ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନନେଇ ଚୁପ୍ ବସିଛନ୍ତି।

ଆରଏମ୍ସିର ସହକାରୀ ଆୟୁକ୍ତ ଅଜିତ ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, ନୂଆକରି ଯୋଗ ଦେଇଥିବାରୁ ତାଙ୍କୁ ସବୁକଥା ବିସ୍ତୃତ ଭାବେ ବୁଝିବାକୁ ହେବ। ତେବେ ଅଚଳ ପଡ଼ିଥିବା ବ୍ୟାଟେରି ଗାଡ଼ି ଗୁଡ଼ିକୁ ମରାମତି ପାଇଁ ଠିକାସଂସ୍ଥାକୁ ଡକାଯାଇଛି। କମିସନରଙ୍କ ପରାମର୍ଶକ୍ରମେ ଖୁବ୍ ଶୀଘ୍ର ସେଗୁଡ଼ିକ ମରାମତି କରାଯିବ।

## ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମତଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର): କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମତଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ମତଦାତା ନିଜର ମତଦାନ ସାବ୍ୟସ୍ତ କରିବା ଏକାନ୍ତ ଆବଶ୍ୟକ ଏବଂ ନିଜର ଅଧିକାର ସାବ୍ୟସ୍ତ କରିବା ପଇଁ ଆଗେଇ ଆସବାକୁ ଆହ୍ୱାନ ଦିଆଯାଇଛି। ଏ ଉପଲକ୍ଷେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରବଳ ଗ୍ରୀଷ୍ମ ତାପରେ ଜଳସେବା କେନ୍ଦ୍ର ମାଧ୍ୟମରେ ସଚେତନତା କାର୍ଯ୍ୟ ଆରମ୍ଭ ହୋଇଛି। ଜଳସେବା କେନ୍ଦ୍ରକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁଖ୍ୟ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଉପ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ପ୍ରଧାନ ପ୍ରମୁଖଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ରୋଗୀ ସମେତ ୫ଆହତ

ଖୋର୍ଦ୍ଧା, ୨୫/୪ (ନି.ପ୍ର): ୧୬ନଂମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ପିଏନ୍ କଲେଜ ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ରୋଗୀ ସମେତ ୫ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଆଜି ଏକ ଘରୋଇ କଲେଜ ବସ ପଛକୁ ତାମିଲନାଡୁରୁ ଆସୁଥିବା ଆମ୍ବୁଲାନ୍ସ ଧକ୍କା ଦେଇଛି। ଆମ୍ବୁଲାନ୍ସ ରେ ଥିବା ରୋଗୀ ସମେତ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଆମ୍ବୁଲାନ୍ସ ଆଗରେ ବସିଥିବା ଜଣେ ଯାତ୍ରୀ ଗାଡି ଭିତରେ ଚାପି ହୋଇ ରହିଥିଲା। ଖବର ପାଇ ପୋଲିସ୍ ଓ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ୍ ପଠାଇଛନ୍ତି। ତେବେ ଦୁର୍ଘଟଣା ଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି।

# ହସ୍ପିଟାଲ ପରିସରରେ ଖୋଲି ପାରିବନି ଘରୋଇ ଔଷଧ ଦୋକାନ: ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ନ ଥାଇ ଅନେକ ଷ୍ଟୋର ଖୋଲିଛନ୍ତି



ଭୁବନେଶ୍ୱର, ୨୫/୪ (ନି.ପ୍ର): ରାଜ୍ୟର ସରକାରୀ ଡାକ୍ତରଖାନା ପରିସରରେ ଖୋଲିଥିବା ଘରୋଇ ଔଷଧ ଷ୍ଟୋରକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ସ୍ୱାସ୍ଥ୍ୟ ବିଭାଗ। ଯେଉଁ ଷ୍ଟୋରଗୁଡ଼ିକ ଏବେ କାର୍ଯ୍ୟକ୍ଷମ ଅଛନ୍ତି ସେମାନଙ୍କ ଲିଜ୍ ଅବଧି ଆଉ ନ ବଢ଼ାଇବା ସହ ନୂଆ ଷ୍ଟୋର ଯେପରି ନ ଖୋଲିବ ସେଥିପାଇଁ ଦୃଷ୍ଟି ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏ ସଂକ୍ରାନ୍ତରେ ସବୁ ସିଡିଏମ୍ ?ଓମାନଙ୍କୁ ପତ୍ର ଲେଖିଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ସରକାର ସବୁ ସରକାରୀ ଡାକ୍ତରଖାନାରେ ଔଷଧ ବିତରଣ କେନ୍ଦ୍ର(ଡିଡିସି) ଜରିଆରେ ୨୪ଘଣ୍ଟିଆ ଔଷଧ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ହେଲେ ସରକାରୀ ହସ୍ପିଟାଲ ପରିସରରେ ଔଷଧ ଷ୍ଟୋର ଖୋଲିଥିବା କିଛି ବ୍ୟବସାୟୀ ଏହାର ବିରୋଧରେ ହାଇକୋର୍ଟରୁ ରହିତାଦେଶ ଆଣି ବ୍ୟବସାୟ କରୁଛନ୍ତି। ମାତ୍ର ଅନେକ ଦୋକାନୀଙ୍କ ପାଖରେ ହାଇକୋର୍ଟଙ୍କ ରହିତାଦେଶ ନ ଥିଲେ ବି ସେମାନେ ବ୍ୟବସାୟ ଜାରି ରଖିଛନ୍ତି। ବିଭାଗ ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରିଛି। ତେଣୁ ସରକାରୀ ମେଡିକାଲ କଲେଜ ସହ ସରକାରୀ ଡାକ୍ତରଖାନା ପରିସରରେ ଏଭଳି ଔଷଧ ଷ୍ଟୋର କାହିଁକି ଖୋଲିଛନ୍ତି ତାହା ସଂପର୍କରେ ଆସନ୍ତା ୩ଦିନ ଭିତରେ ସିଡିଏମଓ ଉତ୍ତର ରଖିବେ। ଏହାସହ ବେଆଇନ ଭାବେ ଔଷଧ ବିକ୍ରି କରୁଥିବା ଦୋକାନୀଙ୍କ ଚୁକ୍ତିକୁ ତୁରନ୍ତ ବାତିଲ୍ କରିବା ସହ ଔଷଧ ଦୋକାନକୁ ଉଚ୍ଛେଦ କରିବା ଲାଗି ପଦକ୍ଷେପ ନେବାକୁ କୁହାଯାଇଛି।

# ଦ୍ରୁତ ଶିଳ୍ପାୟନର କବର ଭିତରକୁ ଚାଲିଗଲାଣି ସବୁଜିମା: ଏବେ କେବଳ ଈଶ୍ୱର ଅଛନ୍ତି, ନାହିଁ ଜଙ୍ଗଲ



ଝାରସୁଗୁଡ଼ା, ୨୫/୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଇଷ୍ଟଦେବତା ବାବା ଝାଡ଼େଶ୍ୱରଙ୍କୁ ନେଇ ଜିଲ୍ଲାର ନାମକରଣ ବି ହୋଇଥିବା ଲୋକକଥାରେ ପ୍ରଚଳିତ। ଅଞ୍ଚଳର ପ୍ରାକୃତିକ ସ୍ଥିତିକୁ ନେଇ ଏହି ଶତାବ୍ଦୀ ପୁରୁଣା ମନ୍ଦିରର ସେତେବେଳେ ନାମକରଣ ହୋଇଥିଲା। ଝାଡ଼୍(ସମ୍ବଲପୁରୀ ଭାଷାରେ ଜଙ୍ଗଲ) ମଧ୍ୟରେ ପାତାଳ ଫୁଟି ଶିବଲିଙ୍ଗ ବାହାରିଥିଲେ। ତେଣୁ ଏହି ଠାକୁରଙ୍କ ନାମ ଝାଡ଼େଶ୍ୱର ବୋଲି ରଖାଯାଇଥିଲା। କିନ୍ତୁ ଜିଲ୍ଲାରେ ଦ୍ରୁତ ଶିଳ୍ପାୟନ ସାଙ୍ଗକୁ ଜନବସତିର ବୃଦ୍ଧି ଯୋଗୁ ଏହି ଜଙ୍ଗଲର ଏବେ ହଜିଗଲାଣି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ୯୦ ଦଶକ ପରେ ହିଁ ଏହି ଅଞ୍ଚଳରୁ ଜଙ୍ଗଲ କ୍ଷୟ ଆରମ୍ଭ ହୋଇଥିବା ବେଳେ ବିକଳ୍ପ ବନୀକରଣ ପାଇଁ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏବେ ଏଠାରେ କେବଳ ମହାଦେବ ଈଶ୍ୱର ରହିଥିବା ବେଳେ ଝାଡ଼୍ ବା ଜଙ୍ଗଲର ଅସ୍ତିତ୍ୱ ହିଁ ନାହିଁ। ଇତିହାସ ପୃଷ୍ଠାକୁ ଓଲଟାଇ ଦେଖିଲେ ପ୍ରାୟ ୧୮୩୦ ମସିହା ବେଳକୁ ଝାରସୁଗୁଡ଼ାର ଜମିଦାର ଥିବା ଗୋବିନ୍ଦ ସିଂଙ୍କ ସମୟରେ ଏକ ଚାଳ କୁଡ଼ିଆରେ ଏହି ପାତାଳ ଫୁଟି ଶିବ ଲିଙ୍ଗଙ୍କୁ ପୂଜା କରାଯାଉଥିଲା। ଏହି ଶିବଲିଙ୍ଗ କେତେ ପୁରୁଣା ତାହା କୌଣସି ଇତିହାସରେ ବି ସ୍ପଷ୍ଟଭାବେ ବର୍ଣ୍ଣିତ ହୋଇନାହିଁ। ତେବେ, ଏହାର ପ୍ରାୟ ୯୦ ବର୍ଷ ପରେ ଅର୍ଥାତ୍ ୧୯୧୬ ମସିହାରେ ଗୁଜରାଟୀ କଣ୍ଟ୍ରାକ୍ଟର ମୁଳିଜୁ ଜଗମାଲ ଏଠାରେ ଏକ ଛୋଟ ମନ୍ଦିର ତିଆରି କରିଥିଲେ। ସମୟକ୍ରମେ ମନ୍ଦିରର ଆକାର ବୃଦ୍ଧି ହୋଇଆସିଛି। ୯୦ ଦଶକ ଯାଏ ଏହି ମନ୍ଦିରକୁ ଲାଗି ପୂର୍ଣ୍ଣା ଓ କାଡିକେଲା ଜଙ୍ଗଲ ପ୍ରାୟ ୨ କିମି ପରିଧି ଯାଏ ପରିବ୍ୟାପ୍ତ ଥିଲା। ସେତେବେଳେ ଦଲ୍‌କି (ଗୋଟିଏ ସ୍ଥାନର ନାଁ) ମଧ ଏହି ଜଙ୍ଗଲର ଅଂଶବିଶେଷ ଥିଲା। ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ଏହି ଜଙ୍ଗଲରେ ବସବାସ କରୁଥିଲେ। ଏପରିକି ୯୦ ଦଶକରେ ଏକ ନରହନ୍ତା ମହାବଳ ବାଘ ବି ଏହି ମନ୍ଦିର ନିକଟରେ ବୁଲାବୁଲି କରିବା ସହିତ ପ୍ରଶାସନର ନିଦ ହଜେଇ ଦେଇଥିଲା। ସମ୍ବଲପୁରରୁ ସାର୍ପସୁଟର ଆସି ଉକ୍ତ ମହାବଳକୁ ମାରିବା ପରେ ତାକୁ ସହର ସାରା ବୁଲା ଯାଇଥିଲା। ଅର୍ଥାତ୍ ୯୦ ଦଶକ ଯାଏ ମନ୍ଦିରକୁ ଲାଗି ମହାବଳ ବାଘ ରହିବା ଭଳି ଉତ୍କୃଷ୍ଟ ଜଙ୍ଗଲ ବି ରହିଥିଲା। କେବଳ ବାଘ ନୁହେଁ, ବରଂ ୨୦୧୦ ଯାଏ ମନ୍ଦିର ପରିସରରେ ୨ଶହରୁ ଅଧିକ ହରିଣ ରହୁଥିବା ଏକ ଡିୟର ପାର୍କ ବି ରହିଥିଲା। କିନ୍ତୁ ଦ୍ରୁତ ଶିଳ୍ପାୟନ ଯୋଗୁ ସମ୍ପୂର୍ଣ୍ଣ କାଡିକେଲା ଜଙ୍ଗଲ ଉଜୁଡ଼ି ଗଲା। ଏହି କାଡିକେଲା ଓ ପୂର୍ଣ୍ଣା ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନ ଜୀବିକା ଉଜୁଡ଼ିଗଲା। କିନ୍ତୁ ଉଜୁଡ଼ିଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ନା କୌଣସି ପ୍ରୟାସ ହେଲା ନା ପୁନଃବନୀକରଣ ହେଲା। ଫଳସ୍ୱରୂପ ଝାରସୁଗୁଡ଼ା ବନଖଣ୍ଡ ୨୦୦୩ ମସିହାରେ ସମ୍ବଲପୁରରୁ ଭିନ୍ନହୋଇ ସ୍ୱତନ୍ତ୍ର ଡିଭିଜନ ହେବାବେଳକୁ ଏହାର ଜଙ୍ଗଲ ଆୟତନ ୩୩ ପ୍ରତିଶତରୁ ଖସି ୨୦ ପ୍ରତିଶତରେ ପହଞ୍ଚି ସାରିଥିଲା। ଏହାରି ଭିତରେ ଜଙ୍ଗଲର ଆୟତନ ଆହୁରି ୫ ପ୍ରତିଶତ ହ୍ରାସ ପାଇସାରିଥିବା ଆଶଙ୍କା କରାଯାଉଛି।

# ସ୍ମରଣ ଶକ୍ତି କମି କମି ଯାଉଛି କି ? ଆପଣାନ୍ତୁ ଏହି ୮ଟି ଉପାୟ, ଭୁଲିବେନି କିଛି କଥା

**ବୟସ ବଢିବା ସଂଗେସଂଗେ ସ୍ମରଣ ଶକ୍ତି କମିଯାଏ । ହେଲେ କିଛି ଲୋକଙ୍କ ସ୍ମରଣଶକ୍ତି ଅଳ୍ପ ବୟସରେ ମଧ୍ୟ କମି ଯିବାର ଦେଖାଯାଏ । ପାଠ ପଢୁଥିବା ପିଲାଙ୍କ ପାଇଁ ମଜବୁତ ସ୍ମରଣ ଶକ୍ତି ରହିବ ଜରୁରୀ । ଦୈନନ୍ଦିନ ଜୀବନରେ ଯଦି ଆପଣ ବାରମ୍ବାର କୌଣସି କଥା ଭୁଲିଯାଉଛନ୍ତି, ତେବେ ଏହି ସମସ୍ୟା ସମାଧାନ ଲାଗି ଏହିସବୁ ଉପାୟ ଆପଣେଇ ନିଅନ୍ତୁ ।**



***ସକାଳୁ ଏପରି ଉଠିବା:***

ଶୋଇବା ଯେପରି ମୁଖ୍ୟଭୂମିକା ଶରୀର ପାଇଁ ସକାଳୁ ସେମିତି ଉଚିତ ସମୟରେ ଉଠିବା ମହତ୍ୱପୂର୍ଣ୍ଣ ଅଟେ । ଆପଣ ଯଦି ପାଞ୍ଚ ଘଣ୍ଟାରୁ କମ ଶୋଉଚନ୍ତି ତାହାଲେ ଆମେ ମାନସିକ ଭାବେ କୌଣସି କାମ ପାଇଁ ପ୍ରସ୍ତୁତ ନଥାଉ। ଯାହାଫଳରେ ଆମେ ଉଠିବାକୁ ଇଛାକରିନଥାଉ । ଏହି ପରିସ୍ଥିତି ୧୦ ଘଣ୍ଟାରୁ ଅଧିକ ଶୋଇଲେ ମଧ୍ୟ ହୋଇଥାଏ । ତେଣୁ ଆପଣ କିପରି ଶୋଉଚନ୍ତି କେତେ ସମୟ ଶୋଉଚନ୍ତି ତା ମହତ୍ୱପୂର୍ଣ୍ଣ ଅଟେ । ସବୁଠୁ ଭଲ ପୁରା ଘନ ଅନ୍ଧାର ରେ ଶୋଇବା ଓ ସୂର୍ଯ୍ୟଙ୍କ କିରଣ ସିଧା ପଡୁଥିବା ବେଳେ ଉଠିବା ଲାଭଦାୟକ ହୋଇଥାଏ । ଏହି କିରଣ ଯେବେ ଶରୀର ଉପରେ ପଡେ ତାହା ସିଧା ଆମ ମତିଷ୍କ ଖୁବଭଲ ରେସପନ୍ସ କରେ । ଯଦି ଘରକୁ ସିଧା ସୂର୍ଯ୍ୟଙ୍କ କିରଣ ଆସୁନି ତାହାଲେ ବଜାରରୁ ଏମିତି ଆଲାର୍ମ କିଣନ୍ତୁ ଯେଉଁଥିରୁ ଆଲାର୍ମ ବେଳେ ଲାଇଟ ବାହାରୁଥିବ । ତା ମଧ୍ୟ ବେଶ ପ୍ରଭାବକାରୀ ।

***ବ୍ୟାୟାମ:***

ବ୍ୟାୟାମ ସ୍ୱସ୍ଥ୍ୟପକ୍ଷେ ବହୁତ ହିତକର । ବ୍ୟାୟାମ କରିବା ସମୟରେ ଆମ କୋଶିକା ସବୁ ନିଜନିଜ ଭିତରେ ସମ୍ପର୍କ ଯୋଡିହୋଇଯାଏ ଓ ନୂଆନୂଆ କୋଶିକା ଗଠନ ହୋଇଥାଏ । ସମସ୍ତ ଶରୀରକୁ ପ୍ରଭାବିତ କରୁଥିବାଭଳି ବ୍ୟାୟାମ କରିବା ଉଚିତ । ଯାହାଦ୍ୱାରା ମସ୍ତିଷ୍କକୁ ମଧ୍ୟ ଶକ୍ତି ଯୋଗାଇଥାଏ । ବ୍ୟାୟାମ କରୁଥିବା ସମୟରେ ଶୁଦ୍ଧ ଅମ୍ଳଜାନ ନେବା ସହ ଖୋଲାସ୍ଥାନରେ ଭିଟାମିନ ଡି ମଧ୍ୟ ଶରୀରକୁ ମିଳେ। ଏହା ଆମ ମନେରଖିବା ଶକ୍ତିକୁ ଅଧିକ ଜାଗ୍ରତ କରାଏ ।

***ଚଲାବୁଲା ସମୟରେ ମନେରଖନ୍ତୁ:***

ଯଦି ଚଲାବୁଲା ସମୟରେ କିଛି କରୁଛନ୍ତି ତାହାଲେ ତାର ମନେରଖିବା ଶକ୍ତି ଟିକେ ଅଧିକା ହୋଇଥାଏ । କୌଣସି ମିଟିଂ ପାଇଁ ହେଉ ଅବା ପ୍ରେଜେଣ୍ଟେସନ ଦେବାକୁ ହେଉ ଯଦି ଚଲା ବୁଲା ସମୟରେ ନୋଟ ପଢ଼ାଯାଏ ତାହାଲେ ତାର ମନେରଖିବା ଶକ୍ତି ଟିକେ ଅଧିକା ହୋଇଥାଏ । ଏହି ଟେକନିକ ଅଭିନେତା ଅଭିନେତ୍ରୀ ମାନେ କରିଥାନ୍ତି । ଯାହାର ପ୍ରଭାବ ସିଧା ଫଳପ୍ରଦ ହୋଇଥାଏ ।

***ସନ୍ତୁଳିତ ଖାଦ୍ୟପାନୀୟ:***

ଖାଦ୍ୟପାନୀୟ ପାନୀୟରେ ଅନିୟମିତତା ବା ଅସନ୍ତୁଳିତ ଖାଦ୍ୟର ପ୍ରଭାବ ସିଧା ଶରୀର ଉପରେ ପଡିଥାଏ । ବିଶେଷକରି ମଣିଷ ଯାହାବି ଖାଦ୍ୟର ସାରାଂଶ ରୁ ଶର୍କରା ଓ ଶକ୍ତି ପାଏ ତାର ୨୦ ପ୍ରତିଶତ ମସ୍ତିଷ୍କକୁ ଯାଏ । ତେଣୁ ଏହି କାରଣରୁ ମଣିଷର ଚାଲିଚଳନ ବା କାର୍ଯ୍ୟକରିବାର ଦକ୍ଷତା ତାର ଗ୍ଲୁକୋଜ ସ୍ତର ଉପରେ ନିର୍ଭର କରିଥାଏ । ଯଦି ନିଜର ସୁଗାର ନିୟନ୍ତ୍ରଣ ରେ ନାହିଁ ତାହାଲେ ମଣିଷର ମସ୍ତିଷ୍କ ଭୁଲ ଭଟକା କରିଥାଏ । ସେଇ ଖାଦ୍ୟ ସବୁ ମତିଷ୍କ ପାଇଁ ଭଲହୋଇଥାଏ ଯେଉଁଥିରୁ ଡୋପାମାଇନ କେମିକାଲ ବାହାରିଥାଏ । ମନେରଖିବା ଉଚିତ ଯେ ଆମ ଆମ ମସ୍ତିଷ୍କରେ ଥିବା କୋଶିକା ଗୁଡିକ ଫ୍ୟାଟରେ ତିଆରି। ଏଥିପାଇଁ ବାଦାମ, ଗଜା ଜାତୀୟ, ନାଶପାତି ଓ ମାଛଜାତୀୟ ଖାଦ୍ୟ ମତିଷ୍କ ପାଇଁ ଲାଭଦାୟକ ।

***ସବୁବେଳେ ଖୁସିରେ ରହିବା:***

ମଣିଷ ଯେତେ ଖୁସିରେ ରହିବ ସେତେ ମାନସିକ ଭାବେ ସୁସ୍ଥ ରହିବ । ସବୁବେଳେ ମନଦୁଃଖରେ ରହିବା ଭଲନୁହେଁ । କୌଣସି କଥାରେ ବିବ୍ରତ ନହୋଇ କିପରି ସରଳ ସମାଧାନ ହୋଇପାରିବ ସେ କଥା ବାଖ୍ୟା କରନ୍ତୁ । ବିପଦ ବେଳେ ମସ୍ତିଷ୍କ ବେସିକାମ କରିଥାଏ । ବେଶି ଚିନ୍ତା କରିବା ବି ଶରୀର ପାଇଁ ଠିକ ନୁହେଁ। ତେଣୁ ଖୁସିରେ ଖୁସିରେ ସବୁ କଥା ସରଳ ଭାବେ ସମାଧାନ କରନ୍ତୁ ।

***ଗୀତ ଶୁଣିବା:***

ଫୁରସତ ସମୟରେ ହାଲ୍କା ଗୀତ ସବୁଶୁଣିପାରିବେ । ଏହା ମସ୍ତିଷ୍କକୁ ବ୍ୟାୟାମ ପରିହୋଇଠଥାଏ । ସେତିପାଇଁ ବିଶେଷଜ୍ଞ ମାନେ ଗୀତ ଶୁଣିବା ପାଇଁ ପରାମର୍ଶ ଦେଇଥାନ୍ତି। ଯାହା ଚିକିତ୍ସା ବିଜ୍ଞାନରେ ମ୍ୟୁଜିକ ଥେରାପି ନାମରେ ଜଣାଶୁଣା । ମୁଖ୍ୟତଃ ସକାଳ ଆଉ ରାତ୍ରୀରେ ଏକ ନର୍ଦ୍ଦିଷ୍ଟ ସମୟ ଆଉ ଶାନ୍ତ ପରିବେଶରେ ଗୀତ ଶୁଣିବା ଦରକାର । ଗୀତ ଶୁଣିବା ବା ବାଦ୍ୟ ବାଜିବା ଦେଖିବା ଦ୍ୱାରା ଆମ ଶରୀର ଆକ୍ଟିଭ ରହିଥାଏ । ସ୍ମୃତି ଶକ୍ତି ଏହା ସାହାଯ୍ୟ କରିଥାଏ। ଏହାଦ୍ୱାରା ମତିଷ୍କକୁ ବେଶ ଲାଭଦାୟକ ହୋଇଥାଏ ।

***ନୂଆ ନୂଆ ଘଟଣାକୁ ସାମ୍ନା କରିବା:***

ମସ୍ତିଷ୍କକୁ ସୁସ୍ଥ ସବଳ ରଖିବାକୁ ହେଲେ ସବୁବେଳେ ନୂଆନୂଆ ଚ୍ୟାଲେଞ୍ଜ କୁ ସାମ୍ନା କରିବାକୁ ପଡିବ । ଯେମିତିକି ନୂଆନୂଆ ଭାଷା ଶିଖିବା ବା ନୂଆନୂଆ ଅନ୍ୟକିଛି କଳା ଶିଖିବା ଦ୍ୱାରା ମାନେରହିବା ଶକ୍ତି ବଢିଥାଏ । ଏମିତିକି ନିଜ ପରିବାର ବା ସାଙ୍ଗସାଥିଙ୍କ ସହ ଅନଲାଇନ ଗେମ ମଧ୍ୟ ଖେଳିପାରିବେ ।

***କିଛି ପଢ଼ିକି ଶୋଇବା:***

ଯଦି ଦିନରେ ହେଉ ବା ରାତିରେ ହେଉ କିଛି କିଛି ପଢ଼ନ୍ତି ସେ ସମୟରେ ଆମ ମସ୍ତିଷ୍କର କୋଶିକା ସବୁ ନିଜ ନିଜ ଭିତରେ ସମ୍ପର୍କ ସ୍ଥାପିତ ହୁଅନ୍ତି । ପଢିବା ପରେ ଶୋଇପଡିଲେ ଯାହାବି ପଢିବେ ତାହା ମସ୍ତିଷ୍କରେ ରହିଯାଏ । ଶୋଇବା ହେଉଛି ମୁଖ୍ୟ ଯାହା ଆମ ମନେରଖିବା ଶକ୍ତିକୁ ବଢ଼ାଏ । ଶୋଇବା ପୂର୍ବରୁ ଭୂତ ପ୍ରେତ ବା ଭୟାନକ ସିନ୍ ଥିବା ଫିଲ୍ମ ନଦେଖିବା ଦରକାର କାରଣ ଏହା ଆମ ମସ୍ତିଷ୍କକୁ ନକରାତ୍ମକ ପ୍ରଭାବ ପକାଇଥାଏ । ସକରାତ୍ମକ ଭାବନା ସହ ଶୋଇବା ଦରକାର।

## ଭେଣ୍ଡି ଖାଇଲେ ମିଳିଥାଏ ବିଭିନ୍ନ ରୋଗରୁ ଉପଶମ: ପାଖ ମାଡିବନି ଡାଇବେଟିସ୍

ଆପଣ ଜାଣିଛନ୍ତି କି ଭେଣ୍ଡିରେ କେଉଁ ଭିଟାମିନ୍ ଭରପୁର ରହିଛି, ଖାଇଲେ କ'ଣ ଫାଇଦା ମିଳିଥାଏ । ଆଜ୍ଞା ହଁ ଆମେ ଏହା ବତାଇ ଦେବୁ । ଖରା ଦିନ ଆସିବା ମାତ୍ରେ ବଜାରରେ ତାଜା ଏବଂ ସବୁଜ ଭେଣ୍ଡି ଆସିଥାଏ । ଭେଣ୍ଡି ଅଧିକାଂଶ ଲୋକଙ୍କ ପ୍ରିୟ ପନିପରିବା ମଧ୍ୟରୁ ଅନ୍ୟତମ । ଭେଣ୍ଡିକୁ ଯେଉଁ ଭାବରେ ପ୍ରସ୍ତୁତ କଲେ ତାହାର ସ୍ୱାଦକୁ ଭଲ ଲାଗେ । ଭେଣ୍ଡି କେବଳ ଏକ ସୁସ୍ୱାଦୁ ପନିପରିବା ନୁହେଁ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ଅନେକ ଉପକାରୀ ଖାଦ୍ୟ ହୋଇଥାଏ ।

ଏହି ପରିବାରେ ଭଲ ପରିମାଣର ଭିଟାମିନ୍-ସି ଅଛି । ଯାହକୁ ଖାଇବା ଦ୍ୱାରା ଚର୍ମକୁ ସୁସ୍ଥ ରଖିଥାଏ । ଏହା ବ୍ୟତୀତ ମ୍ୟାଗ୍ନେସିୟମ୍, ପୋଟାସିୟମ୍, କ୍ୟାଲସିୟମ୍, କାର୍ବୋହାଇଡ୍ରେଟ୍, ଫାଇବର ଏବଂ ଫ୍ୟାଟି ଏସିଡ୍ ମିଳିଥାଏ । ଏହି ପରିବାରେ ଭଲ ପରିମାଣରେ ଭିଟାମିନ୍-ସି ଅଛି । ଯାହକୁ ଖାଇବା ଦ୍ୱାରା ଚର୍ମକୁ ସୁସ୍ଥ ରଖିଥାଏ । ଏହା ବ୍ୟତୀତ ମ୍ୟାଗ୍ନେସିୟମ୍, ପୋଟାସିୟମ୍, କ୍ୟାଲସିୟମ୍, କାର୍ବୋହାଇଡ୍ରେଟ୍, ଫାଇବର ଏବଂ ଫ୍ୟାଟି ଏସିଡ୍ ମିଳିଥାଏ ।

**ହାର୍ଟକୁ ସୁସ୍ଥ ରଖେ:**

ହୃଦ୍ ରୋଗୀଙ୍କ ପାଇଁ ଭେଣ୍ଡି ମଧ୍ୟ ଅତ୍ୟନ୍ତ ଉପକାରୀ ପନିପରିବା ଭେଣ୍ଡିରେ ପେକ୍ଟିନ୍ ନାମକ ଏକ ଉପାଦାନ ଥାଏ । ଯାହା ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରେ ଏବଂ ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଶରୀରରେ ଖରାପ୍ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିଥାଏ । ଯେଉଁ ଲୋକ ପ୍ରତିଦିନ ଭେଣ୍ଡି ଖାଉଛନ୍ତି ସେମାନଙ୍କ ପାଖରେ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରହିଥାଏ ।

**ମଧୁମେହକୁ ନିୟନ୍ତ୍ରଣ କରେ:**

ଯେଉଁମାନଙ୍କର ରକ୍ତରେ ସୁଗାର ଲେବଲ୍ ଅଧିକ ରହିଥାଏ, ସେମାନେ ଭେଣ୍ଡି ଖାଇବା ଉଚିତ୍ । ଭେଣ୍ଡିରେ ଆଣ୍ଟି-ହାଇପରଗ୍ଲାଇସେମିକ୍ ଏବଂ ଆଣ୍ଟି-ଡାଇବେଟିସ୍ ତତ୍ତ୍ୱ ଥାଏ । ଯାହା ରକ୍ତରେ ଗ୍ଲୁକୋଜର ସ୍ତରକୁ ହ୍ରାସ କରିଥାଏ । ଭେଣ୍ଡିରେ ଥିବା ଫାଇବର ରକ୍ତରେ ଗ୍ଲୁକୋଜକୁ ନିୟନ୍ତ୍ରଣ କରିବାରେ ଲାଭଦାୟକ ହୋଇଥାଏ ।

**ଓଜନ ହ୍ରାସ କରେ:**

ଭେଣ୍ଡି ଖାଇବା ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିଥାଏ । ଭେଣ୍ଡିରେ ମିଳୁଥିବା ଔଷଧୀୟ ଗୁଣ ରହିଥାଏ ଭେଣ୍ଡିରେ ଫାଇବରରେ ଭରପୂର ମାତ୍ରାରେ ରହିଥାଏ । ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପତଳା ହେବାକୁ ଚାହାଁନ୍ତି, ତେବେ ନିଶ୍ଚିତ ଭାବରେ ଭେଣ୍ଡିକୁ ଡାଏଟରେ ସାମିଲ୍ କରନ୍ତୁ।

**ହଜମକ୍ରିୟା ମଜବୁତ୍ ରଖେ:**

ଯେଉଁମାନଙ୍କର ହଜମକ୍ରିୟା ସହ ଜଡିତ ସମସ୍ୟା ଅଛି ସେମାନେ ଭେଣ୍ଡି ଖାଇବା ନିହାତି ଜରୁରୀ । ଭେଣ୍ଡିରେ ଅନେକ ଔଷଧୀୟ ଗୁଣ ରହିଛି । ଯାହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ । ଗ୍ରୀଷ୍ମ ଋତୁରେ ପେଟ ଜନିତ ସମସ୍ୟା ଏବଂ ପୀଡିତ ବ୍ୟକ୍ତିମାନେ ନିଶ୍ଚିତ ଭାବରେ ଭେଣ୍ଡି ଖାଇବା ଉଚିତ୍ ।



## ବ୍ରାହ୍ମ ମୂହୁର୍ତ୍ତରେ ଉଠିଲେ ମିଳିଥାଏ ଚମତ୍କାରୀ ଫାଇଦା

ବ୍ରାହ୍ମ ମୂହୁର୍ତ୍ତରେ ଉଠିଲେ କେଉଁ ପ୍ରକାରର ଲାଭ ହୋଇଥାଏ ଆଉ କେଉଁପ୍ରକାରର କ୍ଷତି ହୋଇଥାଏ ତାହା ସମସ୍ତେ ଜାଣିବା ଉଚିତ । ଭୋର ୪ ରୁ ଭୋର ୫ଟା ପର୍ଯ୍ୟନ୍ତ ବ୍ରାହ୍ମ ମୂହୁର୍ତ୍ତର ସମୟ । ଏଇ ସମୟରେ ସମସ୍ତ ବେଦ ଅଧୟନ, ଯୋଗ ଅଭ୍ୟାସ, ଧ୍ୟାନ, ସମସ୍ତ ଅଧ୍ୟାତ୍ମିକ କାର୍ଯ୍ୟ କରାଯାଇଥାଏ ।

ପ୍ରତିଦିନ ବ୍ରାହ୍ମ ମୂହୁର୍ତ୍ତରେ ଉଠିଲେ ମାନସିକ ଓ ଶାରିରୀକ ରୋଗ ହୁଏ ନାହିଁ, ଚେହେରା ସବୁବେଳେ ଉଜ୍ଜ୍ୱଳ ରହିଥାଏ । ଚେହେରା କେବେ ମଳିନ ପଡି ନଥାଏ । ଏଇ ସମୟରେ ଉଠିଲେ ପେଟ ସମସ୍ୟା ଆପେ ଆପେ ଦୂର ହୋଇଜାଇଥାଏ । ଏହାର କାରଣ ବ୍ରାହ୍ମ ମୂହୁର୍ତ୍ତରେ ଯେଉଁ ଶୀତଳ ପବନ ହିଁ ସୁସ୍ଥ ରଖିଥାଏ ।

ଏଇ ସମୟରେ ୧୦ରୁ ୧୫ ମିନିଟ ଯୋଗ ଅଭ୍ୟାସ କରିଲେ ଦିନ ଭରି ଥକା ପଣ ରୁହେ ନାହିଁ । ଆୟୁର୍ବେଦ କଥା ଅନୁସାରେ ଚନ୍ଦ୍ରମା ଯୁକ୍ତ ଶୀତଳ ପବନ ହିଁ ସ୍ୱାସ୍ଥ୍ୟ ପାଇଁ ଅତି ମୂଲ୍ୟବାନ ଅଟେ । ତେଣୁ ଏଇ କାରଣରୁ ଏହାକୁ ଅମୃତବେଳା ବୋଲି ମଧ୍ୟ କୁହାଯାଏ ।

ଯେଉଁମାନେ ଏଇ ସମୟରେ ଉଠନ୍ତି ନାହିଁ ସେମାନେ ଅନେକ ସମସ୍ୟା ଭୋଗିଥାନ୍ତି । ବ୍ୟକ୍ତି ଆଳସ୍ୟ ପରାୟଣ ହୋଇଯାଇଥାଏ । ଦିନ ସାରା କାମ କରିବାରେ ଏହା ବାଧା ସୃଷ୍ଟି କରିଥାଏ । ପେଟ-ସମସ୍ୟା ଅଧିକରୁ ଅଧିକ ହୋଇଥାଏ । ଶରୀରର ତାପମାତ୍ରା ବଢିଥାଏ । ଯାହା ଗଣ୍ଠି ଯନ୍ତ୍ରଣା ସମସ୍ୟା ସୃଷ୍ଟି କରିଥାଏ ।

ବିଜ୍ଞାନ ଦୃଷ୍ଟିରେ ବ୍ରାହ୍ମ ମୂହୁର୍ତ୍ତରେ ଶତକଡା ୪୧ ଭାଗ ଅକ୍ସିଜେନ , ଶତକଡା ୫୫ ଭାଗ ନାଇଟ୍ରୋଜେନ, ଶତକଡା ୪ ଭାଗ କାର୍ବନ ଡ଼ାୟକସାଇଡ଼ ମିଳିଥାଏ । ଏହାର ଅର୍ଥ ଏଇ ସମୟରେ ପ୍ରକୃତି ଶୁଦ୍ଧ ଅବସ୍ଥାରେ ରହିଥାଏ । ଏହା ମାନସିକ ସ୍ଥିରତା ଓ ଶାନ୍ତି ଦେଇଥାଏ ।



## ହାଇ ବିପି ନୁହେଁ, ଲୋ ବ୍ଲଡପ୍ରେସର ମଧ୍ୟ ସାଜିପାରେ ମୃତ୍ୟୁର କାରଣ : ନୂଆ ଅଧୟନରୁ ଖୁଲାସା

ଲୋକମାନଙ୍କର ଖରାପ ଜୀବନଶୈଳୀ, ଅନିୟମିତ ରୁଟିନ୍, ପ୍ରଦୂଷଣ ବୃଦ୍ଧି ଓ ଅନ୍ୟାନ୍ୟ କାରଣ ଯୋଗୁଁ ଅନେକ ରୋଗ ମାଡ଼ି ବସୁଛି। ଏଥି ମଧ୍ୟରୁ ଗୋଟିଏ ହେଉଛି ରକ୍ତଚାପ ସମସ୍ୟା। ବର୍ତ୍ତମାନ ପର୍ଯ୍ୟନ୍ତ, ଅଧୟନରୁ ଜଣାପଡିଛି ଯେ ଉଚ୍ଚ ରକ୍ତଚାପ ଅର୍ଥାତ୍ ଉଚ୍ଚ ରକ୍ତଚାପ ଷ୍ଟ୍ରୋକ ଓ ମୃତ୍ୟୁର ଏକ ପ୍ରମୁଖ କାରଣ ଅଟେ। କିନ୍ତୁ ବର୍ତ୍ତମାନ ଏକ ନୂଆ ଅଧୟନରୁ ଜଣାପଡିଛି ଯେ ନିମ୍ନ ରକ୍ତଚାପ ହେଉଛି ଷ୍ଟ୍ରୋକ ଓ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ।




ନିମ୍ନ ରକ୍ତଚାପ ସାଧାରଣ ଭାବେ ଅଧିକ ନମ୍ବର୍ ଭାବେ ୯୦ ମିଲିମିଟର ପାରା କିମ୍ବା ନିମ୍ନ ସଂଖ୍ୟା ପାଇଁ କମ୍ ୬୦ ମିମି ଏଚଜି ରୁ କମ୍ ରହିଲେ ଏହାକୁ ରକ୍ତ ଚାପ କୁହାଯାଏ। ଯାହା ଜଣେ ବ୍ୟକ୍ତିଙ୍କ ପାଇଁ ନିମ୍ନ ରକ୍ତଚାପ ବୋଲି ବିବେଚନା କରାଯାଏ। ନିମ୍ନ ରକ୍ତଚାପରେ କୌଣସି ଆଖିଦୃଶିଆ ଲକ୍ଷଣ ଦେଖା ଯାଏ ନାହିଁ। କିନ୍ତୁ ମୁଣ୍ଡ ବୁଲାଇବା ଓ ବାନ୍ତି ହୋଇପାରେ। ବେଳେବେଳେ, ନିମ୍ନ ରକ୍ତଚାପ ଜୀବନ ପ୍ରତି ବିପଦ ହୋଇପାରେ। ନିମ୍ନ ରକ୍ତଚାପର କାରଣଗୁଡିକ ବିଷୟରେ କହିବାକୁ ଗଲେ ଡିହାଇଡ୍ରେସନ୍ ଓ ହାଇପୋଟେନସନରୁ ହୋଇଥାଏ। ତେବେ ନିମ୍ନ ରକ୍ତଚାପ କ'ଣ ପାଇଁ ଘଟୁଛି ତାହା ଜାଣିବା ଜରୁରୀ, ଯଦି ଆବଶ୍ୟକ ହୁଏ ତେବେ ଏହାର ଚିକିତ୍ସା କରାଯାଇପାରିବ।

ଅର୍ଥୋଷ୍ଟାଟିକ୍ ହାଇପୋଟେନ୍ସନ୍ ବିଷୟରେ କହିବାକୁ ଗଲେ ବସିଥିବା ସ୍ଥାନରୁ କିମ୍ବା ଶୋଇବା ପରେ ଉଠିଲେ ଏହା ହଠାତ୍ ରକ୍ତଚାପର ହ୍ରାସ ହୁଏ। ଏହାର କାରଣ ହେଉଛି ଡିହାଇଡ୍ରେସନ୍, ଦୀର୍ଘକାଳୀନ ଶଯ୍ୟା ବିଶ୍ରାମ, ଗର୍ଭଧାରଣ, କିଛି ଚିକିତ୍ସା ଅବସ୍ଥା ଏବଂ କିଛି ମେଡ଼ିସିନ୍ ପିରିୟଡ଼। ଖାସ କରି ଯୁବଗୋଷ୍ଠୀଙ୍କ ପାଖରେ ଏପରି ନିମ୍ନ ରକ୍ତଚାପ ସାଧାରଣ ଦେଖାଯାଏ।

ପୋଷ୍ଟପ୍ରେଣ୍ଡିଆଲ୍ ହାଇପୋଟେନ୍ସନ୍ ରକ୍ତଚାପର ଏହି ହ୍ରାସ ଖାଇବା ପରେ ୧ ରୁ ୨ ଘଣ୍ଟା ପରେ ହୁଏ। ଏହା ବୟସ୍କମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନା ଅଧିକ।

ଶରୀରରେ କୌଣସି ସ୍ଥାନରେ କ୍ଷତ ହେବାପରେ ମଧ୍ୟ ନିମ୍ନ ରକ୍ତଚାପ ହୋଇଥାଏ। ଯଦି ଆପଣଙ୍କର ଅତ୍ୟଧିକ ନିମ୍ନ ରକ୍ତଚାପ (ହାଇପୋଟେନ୍ସନ୍) କିମ୍ବା ଲକ୍ଷଣ ଦେଖନ୍ତି, ତେବେ ଜରୁରୀକାଳୀନ ଚିକିତ୍ସା ସହାୟତା ନିଅନ୍ତୁ। ଯଦି ଆପଣଙ୍କର କ୍ରମାଗତ ଭାବରେ ନିମ୍ନ ରକ୍ତଚାପ ହେଉଛି ଓ ଆପଣ ଭଲ ଅନୁଭବ କରୁନାହାଁନ୍ତି, ତେବେ ଆପଣ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଦରକାର।

### ନିମ୍ନ ରକ୍ତଚାପ ଲକ୍ଷଣ:

- ◆ ଅସ୍ପଷ୍ଟ କିମ୍ବା ଦୁର୍ବଳ ଦୃଷ୍ଟି ଶକ୍ତି
- ◆ ମୁଣ୍ଡ ବୁଲାଇବା କିମ୍ବା ହାଲୁକା ହେବା
- ◆ ହତାଶ ଲାଗିବା
- ◆ ଥକ୍କାପଣ ଅନୁଭବ କରିବା
- ◆ ଏକାଗ୍ରତା କରିବାରେ ଅସୁବିଧା ହେବା
- ◆ ବାନ୍ତି ଲାଗିବା

## ରିଫାଇନଡ଼ ତେଲ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ

ଆଜିର ସମୟରେ ସୁସ୍ଥ ଜୀବନ ଅତିବାହିତ କରିବା ନାଁରେ ଆମେ ମାନେ ଅଜାଣତରେ ଅସୁସ୍ଥତା ଦିଗରେ ଗତି କରୁଛନ୍ତି। ନିଜକୁ ସସୁସ୍ଥ ରଖିବା ପାଇଁ ଆମେ ଅନେକ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି । ସୁସ୍ଥ ରହିବାର ପ୍ରଥମ ପଦକ୍ଷେପ ସୁସ୍ଥ ଖାଦ୍ୟ ଗ୍ରହଣ କରିବା । ଅଧିକାଂଶ ଲୋକ ରୋଷେଇ ପାଇଁ ରିଫାଇନଡ୍ ତେଲ ବ୍ୟବହାର କରୁଛନ୍ତି । ଏବେ ବଜାରରେ ବିଭିନ୍ନ ପ୍ରକାରର ବ୍ରାଣ୍ଡର ରିଫାଇନଡ୍ ଅଏଲ୍ ଉପଲବ୍ଧ ହେଉଛି । ତେବେ ସେଥିମଧ୍ୟରୁ କେଉଁଟି ଭଲ ବୋଲି ଆପଣ ଜାଣିବାକୁ ଚାହୁଁଥିବେ। ତା' ଛଡ଼ା ଏହା କେତେ ସ୍ୱାସ୍ଥ୍ୟପ୍ରଦ ତାହା ବି ଜାଣିବାକୁ ଚାହୁଁଥିବେ। କିନ୍ତୁ ଆମେ ବ୍ୟବହାର କରୁଥିବା ରିଫାଇନଡ଼ ତେଲ ଆମ ସ୍ୱାସ୍ଥ୍ୟ ପ୍ରତି କେତେ କ୍ଷତିକାରକ ତାହା ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ।

ରିଫାଇନଡ୍ ଅଏଲ୍ ପ୍ରସ୍ତୁତି ପାଇଁ ବିପୁଳ ମାତ୍ରାରେ କ୍ଷତିକାରକ ରାସାୟନିକ ପଦାର୍ଥର ପ୍ରୟୋଗ କରାଯାଇଥାଏ। ଏହା ଫଳରେ ତେଲରେ କୌଣସି ଭଲ ତତ୍ତ୍ୱ ରହି ନ ଥାଏ। ଆଉ ଏକ ବଡ଼ କାରଣ ହେଲା ରିଫାଇନିଂ ପ୍ରକ୍ରିୟା ସମୟରେ ତେଲ ଅନେକ ଅଂଶରେ ବିଷାକ୍ତ ହୋଇ ଯାଇଥାଏ।

- ◆ ଗବେଷଣାରୁ ଜଣାଯାଇଛି କି ଖାଦ୍ୟ ପ୍ରସ୍ତୁତି ବେଳେ ରିଫାଇନଡ୍ ତେଲ ଅପେକ୍ଷା ସୋରିଷ ତେଲ, ନଡ଼ିଆ ତେଲ ଓ ଘିଅ ଅଧିକ ଉପଯୋଗୀ ହୋଇଥାଏ ।
- ◆ ଆମେ କୋଲେଷ୍ଟ୍ରଲରୁ ଶରୀରକୁ ରକ୍ଷା କରିବା ପାଇଁ ରିଫାଇନଡ୍ ତେଲର ବ୍ୟବହାର କରିଥାଉ।
- ◆ କିନ୍ତୁ ସେଥିରେ ତାହା ରହି ନଥାଏ। ତା' ଛଡ଼ା ଆମ ଶରୀରକୁ ଯେଉଁ ଫ୍ୟାଟି ଏସିଡ୍ ଦରକାର,ତାହା ବି ରିଫାଇନଡ୍ ଅଏଲରୁ ମିଳି ନ ଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିଆଁ ଓ ଧୂଆଁର ଖେଳ...

କଥାରେ ଅଛି- ନିଆଁ ନଥିଲେ ଧୂଆଁ ବାହାରେ ନାହିଁ। ଅର୍ଥାତ୍, ଯେ କୌଣସି ଘଟଣା ପଛରେ କାରଣଟିଏ ଅବଶ୍ୟ ରହିଥାଏ । କହିବାର ତାତ୍ପର୍ଯ୍ୟ– ଶିକ୍ଷକମାନେ ଜାତିର ଭବିଷ୍ୟତକୁ ଗଢୁଥିବା ବେଳେ ବେଶ୍ କିଛି ବର୍ଷ ଭିତରେ କେତେକ ରାଜ୍ୟରେ ସେମାନଙ୍କ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେବା ବା ଜାଲ ସାର୍ଟିଫିକେଟ୍‌ମାନ ଦାଖଲ କରି କିଛି ବ୍ୟକ୍ତି ଶିକ୍ଷକ ପଦବୀରେ ନିଯୁକ୍ତି ପାଇବା ଦେଖାଯାଇ ଆସିଛି। ଏମିତି ନୁହେଁ ଯେ ଏଭଳି ଶିକ୍ଷକମାନେ ଆଇନ ଆଖିରେ ଧୂଳି ଦେଇ ଖସି ଯାଇଛନ୍ତି। ତେବେ ଦେଶର ବ୍ୟବସ୍ଥାରେ ରହିଥିବା ତ୍ରୁଟିର ସୁଯୋଗ ନେଇ ଏହି ଲୋକମାନେ ଫାଇଦା ଉଠାଇଛନ୍ତି। ଗତ ସୋମବାର ଦିନ କୋଲକାତା ହାଇକୋର୍ଟର ଏକ ଡିଭିଜନ ଖଣ୍ଡପୀଠ ସେହି ରାଜ୍ୟର ଶିକ୍ଷକମାନଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ରୁଜୁ କରାଯାଇଥିବା ଏକ ମାମଲାର ରାୟ ପ୍ରଦାନ କରିଛନ୍ତି, ଯେଉଁଥିରେ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଚୟନ ଏବଂ ନିଯୁକ୍ତି ପ୍ରଦାନ କରାଯାଇଥିବା ଶିକ୍ଷକ ଏବଂ ଅଣଶିକ୍ଷକମାନଙ୍କୁ ମିଶାଇ ୨୫,୭୫୩ ସ୍କୁଲ କର୍ମଚାରୀ ଆଇନାନୁସାରେ ଅସିଦ୍ଧ ଘୋଷଣା କରିଛନ୍ତି ଏବଂ ସମଗ୍ର ପ୍ରକ୍ରିୟାରେ ଦୁର୍ନୀତି ହୋଇଥିବା ଯୋଗୁଁ ସେମାନଙ୍କ ପୋଷ୍ଟିଂକୁ ଖାରଜ କରିଛନ୍ତି। କୋର୍ଟଙ୍କର ଏହା ଏକ ସ୍ୱାଗତଯୋଗ୍ୟ ରାୟ ଅବଶ୍ୟ । ଏହି ରାୟ ଏକ ଚମତ୍କାର ଦୃଷ୍ଟାନ୍ତ ସ୍ଥାପିତ କରିଛି ଏବଂ ଏହା ସମସ୍ତ ରାଜନୀତିକ ଦଳ ଓ ରାଜ୍ୟ ସରକାରଙ୍କ ପାଇଁ ଏକ ସୁସ୍ପଷ୍ଟ ଚେତାବନୀ ଭାବରେ କାର୍ଯ୍ୟ କରିଛି ଯେ ସେମାନେ ଦୁର୍ନୀତି ବା ପକ୍ଷପାତିତାପୂର୍ଣ୍ଣ ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ ସରକାରୀ ଚୟନ ପ୍ରକ୍ରିୟାକୁ ବ୍ୟବହାର କରି ନ ପାରନ୍ତି। ତେବେ ଏହି ରାୟର ଗୋଟିଏ ଅନୁଚ୍ଛେଦ, ଯେଉଁଥରେ ହାଇକୋର୍ଟ କହିଛନ୍ତି ଯେ ଏଭଳି ରାୟ ଦ୍ୱାରା ଖାରଜ କରା ଯାଇଥିବା ସମସ୍ତ କର୍ମଚାରୀ ସେମାନଙ୍କ ଚାକିରି କାଳରେ ପାଇଥିବା ସମସ୍ତ ବେତନକୁ ଏକ ମାସର ସମୟ ମଧ୍ୟରେ ଫେରସ୍ତ କରିବେ ଏବଂ ତାହା ମଧ୍ୟ ସୁଧ ସହିତ- ହେଉଛି ଏକ ଅତ୍ୟନ୍ତ କଠୋର ଏବଂ ନା ତ ବାସ୍ତବ କ୍ଷେତ୍ରରେ କରିବା ସମ୍ଭବପର, ନା ଏକ ଉତ୍ତମ ଉଦାହରଣ ବୋଲି କହି ହେବ। ନ୍ୟାୟମୂର୍ତ୍ତି ଦେବାଂଶୁ ବାସକଙ୍କ ନେତୃତ୍ୱାଧୀନ ଏହି ଖଣ୍ଡପୀଠ ତାଙ୍କ ଆଦେଶରେ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତାକୁ ସଂରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିବାକୁ ଯାଇ କହିଛନ୍ତି, ... ଆମ ନିକଟରେ ଚୟନ କରାଯାଇଥିବା ପ୍ୟାନେଲକୁ ଖାରଜ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିଲା। ଆମମାନଙ୍କ ପାଇଁ ଏକ ନୀତି ନିୟମ ରହିତ ଚୟନ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତି ହାସଲ କରିଥିବା ତତ୍ତ୍ୱମାନଙ୍କ ହାତରେ ପିଲାମାନଙ୍କ ଭବିଷ୍ୟତର ଡୋରକୁ ଛାଡ଼ିଦେବା ଅପେକ୍ଷା ଏକ ବେଦାଗ ଚୟନ ପ୍ରକ୍ରିୟାରେ ଆସିଥିବା ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଶିକ୍ଷକ ଭାବରେ ଲାଭ କରିବା ଶ୍ରେୟସ୍କର ମନେ ହୋଇଥିଲା ।'ତେବେ କୋର୍ଟଙ୍କର ସେହି ସମାନ ରାୟରେ ହୋଇଥିବା ପର୍ଯ୍ୟବେକ୍ଷଣ, ଯେ 'ପ୍ୟାନେଲର ସମୟ ସୀମା ଶେଷ ହେବା ପରେ, ତଥା ଯେଉଁମାନେ ଅନୁଭରିତ ଓ ଏମ୍‌ଆର୍ ଖାତାଗୁଡ଼ିକୁ ପ୍ରଦାନ କରିଥିଲେ, ଅଥଚ ନିଯୁକ୍ତି ପାଇଥିଲେ, ସେମାନେ ମଧ୍ୟ... ନିଶ୍ଚିତ ଭାବରେ ସେମାନେ ଲାଭ କରିଥିବା ବେତନ ତଥା ଅନ୍ୟାନ୍ୟ ଲାଭଗୁଡ଼ିକୁ ରାଜ୍ୟର ରାଜକୋଷକୁ ୧୨ ପ୍ରତିଶତ ସୁଧହାରରେ ହିସାବ କରାଯାଇଥିବା ଅନୁସାରେ ସମୂଳ ସୁଧ ମାତ୍ର ଚାରି ସପ୍ତାହ ମଧ୍ୟରେ ଫେରସ୍ତ କରିବେ', ଏହି ରାୟକୁ ଅତ୍ୟଧିକ ମାତ୍ରାରେ ବିବାଦାସ୍ପଦ କରିଛି । ୨୦୧୬ ମସିହାରେ ପଶ୍ଚିମବଙ୍ଗରେ ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦଗୁଡ଼ିକ ପାଇଁ ହୋଇଥିବା ଚୟନ ପରୀକ୍ଷାରେ ୨୪,୬୪୦ ପଦ ପାଇଁ ୨୩ ଲକ୍ଷରୁ ଅଧିକ ସଂଖ୍ୟକ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ତେବେ ଯେଉଁମାନେ ପରୀକ୍ଷା ଦେଇଥିଲେ କିନ୍ତୁ ମନୋନୀତ ହୋଇ ନଥିଲେ, ସେମାନେ ଫଳ ପ୍ରକାଶ ପାଇବା ପରେ ଉପରୋକ୍ତ ପରୀକ୍ଷାର ଫଳାଫଳକୁ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଖଣ୍ଡପୀଠ ୩୫୦ରୁ ଅଧିକ ସଂଖ୍ୟକ ନିବେଦନ ଏବଂ ଆବେଦନକୁ ଶୁଣିଥିଲେ। ଏହା ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ଚୟନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତା କାରଣରୁ ରାଜ୍ୟର ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ଗିରଫ କରିଥିଲେ। କହିବା ବାହୁଲ୍ୟ, ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଠୋର ଶବ୍ଦରେ ଏହାକୁ 'ବେଆଇନ୍' କହି କୋର୍ଟଙ୍କ ଆଦେଶକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ କୋର୍ଟଙ୍କ ଆଦେଶରେ ବ୍ୟଥିତ ହୋଇଥିବା ତାଙ୍କ ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀମାନଙ୍କୁ ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରି କହିଛନ୍ତି ଯେ ତାଙ୍କ ସରକାର ... ଯେଉଁମାନେ ନିଜ ପଦ ହରାଇଛନ୍ତି, ସେମାନଙ୍କ ପଛରେ ଛିଡ଼ା ହେବ ଏବଂ ଏକ ଉଚ୍ଚ ଅଦାଲତରେ ଅପିଲ କରିବ। ସବୁ ରାୟକୁ ମାନିନେବା ବାଧ୍ୟତାମୂଳକ ନୁହେଁ । ନିର୍ବାଚନଗୁଡ଼ିକ ମଧ୍ୟରେ କୋର୍ଟଙ୍କର ଏହି ଆଦେଶ ବିଜେପିର ନିର୍ଦ୍ଦେଶ ଅନୁସାରେ ହୋଇଛି।' ଏକ ଆଇନଗତ ସ୍ତରରେ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ 'ସମ୍ପୃକ୍ତ ଚୟନ ପ୍ରକ୍ରିୟାରେ ମଞ୍ଜୁର କରାଯାଇଥିବା ସମସ୍ତ ନିଯୁକ୍ତି ଭାରତୀୟ ସମ୍ବିଧାନର ଧାରା ୧୪ ଏବଂ ୧୬ର ଉଲ୍ଲଙ୍ଘନ କରୁଥିବାରୁ ସେଗୁଡ଼ିକୁ ଅସିଦ୍ଧ ଏବଂ ଖାରଜ କରାଯାଉଛି।' କୋର୍ଟ ମଧ୍ୟ ସିବିଆଇକୁ ... ଯେଉଁ ବ୍ୟକ୍ତିମାନେ ନିଯୁକ୍ତି ପାଇଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ପଚରାଉଚରା କରିବାକୁ... ଏବଂ ଏଥି ସହିତ ସରକାରୀ କଳର ସମ୍ପୃକ୍ତ ଥିବା କର୍ମଚାରୀମାନଙ୍କ ବିରୁଦ୍ଧରେ ଅଧିକ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଃସନ୍ଦେହରେ କୁହାଯାଇପାରେ ଯେ ଏହି ପ୍ରକ୍ରିୟା ଉପଯୁକ୍ତ ନିଷ୍କର୍ଷରେ ପହଞ୍ଚିବାକୁ ଯଥେଷ୍ଟ ଦିନ ଲାଗିଯିବ । ବିଜେପି ଏହି ରାୟ ତଥା ସୁଶ୍ରୀ ମମତାଙ୍କ ପ୍ରତିକ୍ରିୟାକୁ ଉପଭୋଗ କରିବାକୁ ଯାଇ କହିଛି, 'ଯୋଗ୍ୟ ପ୍ରାର୍ଥୀମାନେ ହସୁଛନ୍ତି । ବର୍ତ୍ତମାନ ସମୟ ଆସିଛି ପୁତୁରା ଏବଂ ପିଉସୀ ଖେଳ ଚାଲୁ ରହିବାର।' ଜୁନ୍ ୪ ତାରିଖ ପରେ ଜଣା ପଡ଼ିବ, ସେ ଇଚ୍ଛା ପୂରଣ ହେବ କି ନାହିଁ ।

# ନିର୍ବାଚନରେ ଓଡ଼ିଶା କଂଗ୍ରେସ




ଗିରିଧାରୀ ସାମଲ


ଲୋକସଭା ନିର୍ବାଚନକୁ ନେଇ ବିଭିନ୍ନ ଦଳ ପରି କଂଗ୍ରେସ ଦଳ ପକ୍ଷରୁ ଘୋଷଣା ପତ୍ର ଜାରି ହୋଇଛି। ୪୮ ପୃଷ୍ଠା ଏହି ଘୋଷଣା ପତ୍ରର ନାମ ରହିଛି ନ୍ୟାୟ ପତ୍ର। ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟିର ଘୋଷଣା ଏହି ନ୍ୟାୟ ପତ୍ରରେ। ବଡ଼ ନିର୍ବାଚନ ପ୍ରତିଶ୍ରୁତି ଘୋଷଣା ପତ୍ରରେ ଦଳ ଦେଇଛି। ଘୋଷଣା ପତ୍ରରେ ଯୁବା, ମହିଳା, ଶ୍ରମିକ ଓ କୃଷକଙ୍କୁ ଅଧିକ ଫୋକସ କରିଛି ଦଳ। ସେହିପରି ଓଡ଼ିଶାରେ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ଚଳିତ ନିର୍ବାଚନ ଲଢୁଛି। ଓଡ଼ିଶାରେ ବିଜେଡ଼ି ଓ ବିଜେପିର ମେଣ୍ଟ ହୋଇଥିଲେ କଂଗ୍ରେସ ଓଡ଼ିଶାରେ ଭଲ ଫଳ ନିଶ୍ଚିନ୍ତ ପାଇଥାନ୍ତା ତେବେ ସେମାନଙ୍କ ଭିତରେ ମେଣ୍ଟ ନ ହେବା କାରଣରୁ ଏବେ ଅସଲ ରାଜନୀତିର ଅଗ୍ନି ପରୀକ୍ଷା ଦେବେ ଓଡ଼ିଶା କଂଗ୍ରେସ। ନିଜେ ଗୋଟିଏ ଜାତୀୟ ଦଳ ହୋଇଥିଲେ ମଧ୍ୟ ତା ସାମ୍ନାରେ ବିଜେପି ପରି ଏକ ବଡ଼ ଜାତୀୟ ଦଳ ଓ ବିଜେଡ଼ି ପରି ବେଶ ସଶକ୍ତ ଓ ଶକ୍ତିଶାଳୀ ଆଞ୍ଚଳିକ ଦଳ ରହିଛି। ଓଡ଼ିଶାରେ କଂଗ୍ରେସର ଚେହେରା ବୋଇଲେ କେବଳ ରାହୁଲ ଗାନ୍ଧୀ। କାରଣ ଓଡ଼ିଶାରେ କଂଗ୍ରେସର ସେପରି ଭୋଟ ପୁଲର ଚେହେରା ନାହାଁନ୍ତି। ଓଡ଼ିଶାରେ କଂଗ୍ରେସ ଶାସକ ବିଜେଡ଼ି ବିରୁଦ୍ଧରେ କ'ଣ ରଣନୀତି ତିଆରି କରିଛି ତାହା ତାଙ୍କ ଘୋଷଣା ପତ୍ରରେ ଏକ ପ୍ରକାର ନିର୍ବାଚନ ଇସ୍ତାହାର ମାଧ୍ୟମରେ ପ୍ରକାଶ କରିଛି କହିଲେ ଚଳେ। ଓଡ଼ିଶା କଂଗ୍ରେସରେ ଏବେ ବଡ଼ ଚେହେରା ଭିତରେ ଏକକୁ ଆରକେ ନିଜକୁ ଭାବୁଥିବାରୁ ତାହା ହିଁ ସେମାନଙ୍କ ରାଜନୈତିକ ପଶ୍ଚାତ ଗତିର କାରଣ ହୋଇଥାଏ। ଦଳରେ ଗୁଣୀ, ଜ୍ଞାନୀ, ଧନୀ, ବାହୁବଳୀ ବ୍ୟକ୍ତିତ୍ୱ ଯେ ନାହାଁନ୍ତି ତାହା ନୁହେଁ କିନ୍ତୁ ଓଡ଼ିଶା କଂଗ୍ରେସ ଅନେକ ସମୟରେ ଦିଗହରା ନେତୃତ୍ୱ ପଛରେ ରହିଥିବାର ରାଜନୈତିକ ସମୀକ୍ଷକମାନେ କୁହନ୍ତି। ଓଡ଼ିଶା ରାଜନୀତିର ବିଧାନସଭା ନିର୍ବାଚନ ମଣ୍ଡଳୀ ଭିତରେ ଅନେକଙ୍କର ବାରବାଟୀ କଟକ ବିଧାନସଭା କ୍ଷେତ୍ରରେ ଉପରେ ରହିଥାଏ। କାରଣ ଏହି ହାଇଭୋଲଟେଜ ବିଧାନସଭା ସିଟରୁ ସମୀର ଦେ, ଦେବାଶିଷ ସାମନ୍ତରାୟଙ୍କ ପରି ନେତା ଗତ ନିର୍ବାଚନରେ ଛିଡ଼ା ହୋଇଥିଲେ। ୨୦୧୯ରେ କଂଗ୍ରେସ ପକ୍ଷରୁ ଇଂ.ମହମ୍ମଦ ମୋକିମ ୩୭.୫୭% ଭୋଟ ଭାବରେ ୫୦ ହଜାର ୨୪୪ ଖଣ୍ଡ ଭୋଟ ପାଇଥିବାବେଳେ ବିଜେଡ଼ିର ଦେବାଶିଷ ସାମନ୍ତରାୟ ୩୪.୭୧% ଭାବେ ୪୬ ହଜାର ୪୧୭ ଖଣ୍ଡ ଭୋଟ ପାଇଥିଲେ। ବିଜେପିର ସମୀର ଦେ ୨୫.୩% ଭାବେ ୩୩ ହଜାର ୮୨୫ ଖଣ୍ଡ ଭୋଟ ପାଇଥିଲେ।

ଓଡ଼ିଶାର କଂଗ୍ରେସର ନିର୍ବାଚନ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ଏଥର ୬୦ରୁ ଉର୍ଦ୍ଧ୍ୱ ଅଧିକ ସିଟରେ ନିର୍ଣ୍ଣୟକ ଭୂମିକାରେ ରହିବ। କାରଣ ବଡ଼ ଦଳ କହୁଥିଲେ ବି ବିଜେପି ଓ ବିଜେଡ଼ିର ଅନେକ ପ୍ରାର୍ଥୀ ମାନଙ୍କର ବିଜୟ ସମ୍ଭାବନାକୁ ଉଣେଇଶ ବିଶ କରିବାରେ କଂଗ୍ରେସ କିଙ୍ଗ ମେକର ଭୂମିକା ନେଇପାରେ। ୨୦୧୯ ମସିହାରେ ନଅଜଣ ବିଧାୟକ କଂଗ୍ରେସରୁ ଜିତିଥିଲେ। ୩୧ଟି ଆସନରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଦଳ କିନ୍ତୁ ପାଖାପାଖି ୬୦ଟି ସିଟରେ ମଜଭୁତ ରହିଥିଲା। ତେଣୁ ଚଳିତ ନିର୍ବାଚନରେ କଂଗ୍ରେସ ଅଧିକ ଜୋର ଲଗାଇ ଲଢ଼ିଲେ ବିଜେଡ଼ି ଓ ବିଜେପିର କିଛି ସିଟ ନିଜ ପଟକୁ ଆଣିବାରେ ସମର୍ଥ ହୋଇପାରିବ। ଓଡ଼ିଶାରେ ସରକାରଙ୍କ ଶାସନ ବିରୁଦ୍ଧରେ ଓ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରର ଅନେକ ନୀତିଗତ ନିଷ୍ପତ୍ତି ବିରୁଦ୍ଧରେ କଂଗ୍ରେସ ଜନମତ ତିଆରି କରିପାରିଲେ ଏହା ଭୋଟରେ ପରିବର୍ତ୍ତିତ ହୋଇପାରନ୍ତା ତେବେ ଏହା ପାଇଁ ଯୋଜନାବଦ୍ଧ ରଣନୀତି ଓ ପାଣ୍ଠି ମଧ୍ୟ ଦରକାର। ଖୋର୍ଦ୍ଧାରେ ଓଡ଼ିଶା କଂଗ୍ରେସର ଅନ୍ୟତମ ଲୋକପ୍ରିୟ ଚେହେରା କୁହାଯାଉଥିବା ସୁରେନ୍ଦ୍ର ରାଉତରାୟଙ୍କୁ ଦଳ ଛଅ ବର୍ଷ ପାଇଁ ବହିଷ୍କାର କରିଛି। ଏହାର ପ୍ରଭାବ ନିଶ୍ଚିନ୍ତ ଜଟଣୀ ଉପରେ ପଡ଼ିବାର ସମ୍ଭାବନା ଅଛି। ପଶ୍ଚିମାଞ୍ଚଳର ଭୋଟ କେବଳ ବିଜେପିର ନୁହଁ କଂଗ୍ରେସ ବିରୁଦ୍ଧରେ ମଧ୍ୟ ଚଳିତ ଥର ବିଜେଡ଼ି ଏକ ଚକିତ କଲାପରି ମାଷ୍ଟର ଷ୍ଟ୍ରୋକ ଖେଳି ନବୀନ ପଟ୍ଟନାୟକଙ୍କୁ କଣ୍ଟାବାଞ୍ଜିରୁ ପ୍ରାର୍ଥୀ କରିଛି। ଏଠାରୁ ସନ୍ତୋଷ ସିଂହ ସାଲୁଜା ଚାରି ଚାରି ଥର ରେକର୍ଡ଼ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଓଡ଼ିଶାରେ ବିଜେଡ଼ି ବିଜେପି ଭିତରେ ଯେ ଏକ ଅଘୋଷିତ ସମ୍ପର୍କ ରହିଛି ଓ କେନ୍ଦ୍ର-ରାଜ୍ୟ ପରସ୍ପର ପରସ୍ପରର ସ୍ୱାର୍ଥକୁ ଦେଖି ସମର୍ଥନ ଓ ବିରୋଧଭାଷ କରୁଛନ୍ତି ବୋଲି କଂଗ୍ରେସ ବିଶେଷକରି ବୁଦ୍ଧିଜୀବୀ ମାନଙ୍କୁ ବୁଝାଇପାରିଲେ ଭୋଟ ସଂଖ୍ୟା ବଢ଼ିପାରିବ। ଓଡ଼ିଶା କଂଗ୍ରେସ ସବୁବେଳେ ଇଂ.ମହମ୍ମଦ ମୋକିମଙ୍କ ଦୀର୍ଘ ଦିନର ଅଭିଜ୍ଞତାକୁ ନିର୍ବାଚନରେ ବ୍ୟବହାର କରିଥାଏ। କେବଳ ବାରବାଟୀ କଟକ ନୁହେଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାଙ୍କର ସଂଗଠନ ଓ ଲୋକପ୍ରିୟ ପ୍ରଭାବ ରହିଛି। ଚଳିତ ନିର୍ବାଚନରେ ହଜାର ବର୍ଷର ସହର ଭାବେ ପରିଚିତ କଟକର ନିର୍ବାଚନ ମଣ୍ଡଳୀ ବାରବାଟୀ କଟକ ଅନ୍ତର୍ଭୁକ୍ତ। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କଂଗ୍ରେସ ଓ ବିଜେଡ଼ି ମଧ୍ୟରେ ଲଢେଇ ହୋଇଛି। ଚଳିତ ଥର କଂଗ୍ରେସର ବିଧାୟକ ମହମ୍ମଦ ମୋକିମଙ୍କ ଉପରୁ ପୁନର୍ବାର ପ୍ରାର୍ଥୀ କରିବ। ତେବେ ଦଳ ନିଲମ୍ବନ ହଟାଇବା ପରେ ଏହା ସମ୍ଭବ ହେବ। ଓଡ଼ିଶା କଂଗ୍ରେସରେ ଇଂ.ମହମ୍ମଦ ମୋକିମରଙ୍କର ମଧ୍ୟ ଯଥେଷ୍ଟ ପ୍ରଭାବ ରହିଛି। ଓଡ଼ିଶା ରାଜନୀତିରେ ଜଣେ ଉତ୍ତମ ଲୋକପ୍ରିୟ ସଂଗଠକ ଓ ପରୋପକାରୀ ଲୋକପ୍ରିୟ ନେତା ଭାବେ ସେ ପରିଚିତ। କେବଳ ରାଜନୀତି ନୁହେଁ ସେ ବ୍ୟକ୍ତିଗତ ଭାବରେ ଏବଂ ଅନୁଷ୍ଠାନ ମାଧ୍ୟମରେ ଅନେକ ସେବାମୂଳକ ଓ ଦାତବ୍ୟ କାର୍ଯ୍ୟକ୍ରମ ସହ ମଧ୍ୟ ଜଡ଼ିତ। ଭାଇଚାରା ସହର କଟକରେ ଅନେକ ସମୟରେ କୌଣସି ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ତାଙ୍କର ସହାୟତା ନେବାର ମଧ୍ୟ ନଜିର ରହିଛି। କହିବାକୁ ଗଲେ କଟକ ସହରରେ ତାଙ୍କର ଏକ ପକ୍କା ସଂଗଠନ ସହ ବିଭିନ୍ନ ବସ୍ତି ଅଞ୍ଚଳରେ ମଧ୍ୟ ତାଙ୍କର ସୁଦୃଢ଼ ଭୋଟ ବ୍ୟାଙ୍କ ରହିଛି। ତେଣୁ ଏଥର ଇଂ.ମୋକିମ ନିର୍ବାଚନ ଲଢ଼ିବେ ପୁନର୍ବାର ବିଜୟ ସମ୍ଭାବନା ଉଜ୍ଜ୍ୱଳ। ଓଡ଼ିଶା ରାଜନୀତିରେ କଂଗ୍ରେସର ଏହିପରି ବିଧାୟକ ଚେହେରା ରହିବା ଦରକାର। କାରଣ ନିର୍ବାଚନ ଗଣିତରେ ସ୍ଥାନୀୟ ସଂଗଠନକୁ ଦୃଢ଼ କରିବା ସହ ଲୋକମାନଙ୍କ ସମସ୍ୟା ମୁକାବିଲାରେ ସବୁବେଳେ ସଚେତନ ରହିଲେ ଏହା ହିଁ ଲୋକପ୍ରିୟତା ବଢ଼ାଇ ପାରିବ। ଓଡ଼ିଶା କଂଗ୍ରେସ ନିଜକୁ ବେଶ ସଂଗଠିତ କରି ଦୁଇ ଦୁଇଟି ଟାଣୁଆ ଦଳ ସହ ଲଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ନେଇ ଆଗେଇଲେ ସେମାନଙ୍କ ପୂର୍ବର ୯ ସଂଖ୍ୟା ଆଗକୁ ବଢ଼ିପାରେ। କାରଣ ଓଡ଼ିଶାରେ ବିଜେଡ଼ି ଓ ବିଜେପି ଠାରୁ ବେଶ ଶକ୍ତିଶାଳୀ ଆହ୍ୱାନକୁ କଂଗ୍ରେସ ମୁକାବିଲା କରିବା ପାଇଁ ଏକଜୁଟର ବଳର ସହ ଲଢ଼ିପାରିଲେ ଏହା ସେମାନଙ୍କ ଭୋଟ ବ୍ୟାଙ୍କକୁ ବଢ଼ାଇ ପାରିବ। ତେବେ ଓଡ଼ିଶାରେ କଂଗ୍ରେସ କେତେ ସଫଳତା ପାଇପାରିବ ଏହା ନିର୍ବାଚନ ଫଳାଫଳ ପରେ ହିଁ ଜଣା ପଡ଼ିଯିବ।


+ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ
ମୋ: ୯୪୩୭୪୫୦୧୧୪


# ୭୫ ବର୍ଷ ହେଲା ନିର୍ବାଚନରେ ପ୍ରସଙ୍ଗ ହୋଇଛି ଗରିବ ହଟାଓ




ଗୋପାଳ ମହାପାତ୍ର


ଲୋକସଭା ନିର୍ବାଚନ ପାଇଁ ରାଜନୈତିକ ବାତାବରଣ ଉଷ୍ମରୁ ଉଷ୍ମତର ହେବାରେ ଲାଗିଛି। ଦେଶ ସ୍ୱାଧିନ ହେବାର ୭୫ ବର୍ଷ ପରେ ମଧ ଦେଶରେ ଦାରିଦ୍ର୍ୟ ନିର୍ବାଚନା ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି। ୧୯୫୨ ମସିହାରେ ଦେଶରେ ହୋଇଥିବା ପ୍ରଥମ ସାଧାରଣ ନିର୍ବାଚନରେ ମଧ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗ ଥିଲା।୧୯୭୧ର ଲୋକସଭା ନିର୍ବାଚନରେ ଇନ୍ଦିରାଗାନ୍ଧୀ "ଗରୀବ ହଟାଓ" ସ୍ଲୋଗାନ ଦେଇଥିଲେ। କୁହାଯାଏ ଯେ ଇନ୍ଦିରାଗାନ୍ଧୀଙ୍କ ପ୍ରମୁଖ ଶଚୀବ ପିଏନ ...ଙ୍କ ପରାମର୍ଶ କ୍ର;ମ ଏହି ସ୍ଲୋଗାନ ସ୍ଥିର କରାଯାଇଥିଲା। ଏବେ ୨୦୧୪ରେ ଯେତେବେଳେ ଭାରତରେ ୧୮ଶ ଲୋକସଭା ପାଇଁ ନିର୍ବାଚନ ହେବାକୁ ଯାଉଛି ସେତିକିବେଳେ ମଧ ଏହି ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରସଙ୍ଗ ହୋଇଛି। ପାର୍ଥକ୍ୟ ଏତିକି ଯେ ବର୍ତ୍ତମାନ ଶାସନରେ ଥିବା ବିଜେପି ସରକାର ତାଙ୍କ କାର୍ଯ୍ୟକାଳ ସମୟରେ ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମା ରେଖା ତଳୁ ଉଠିଛନ୍ତି ବୋଲି କହୁଛି। ବିରୋଧି ଦଳମାନେ କିନ୍ତୁ ଭିନ୍ନ ଭିନ୍ନ ସଂଖ୍ୟା ଦେଖାଇ ବିଜପି ସରକାରର ଏହି ଦାବିକୁ ଭୁଲ ବୋଲି ପ୍ରମାଣିତ କରିବାର ଚେଷ୍ଟା କରୁଛନ୍ତି।

ଲୋକସଭା ନିର୍ବାଚନ ପାଇଁ ପ୍ରଚାର କରିବାକୁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଏକ ଜନସଭାରେ କଂଗ୍ରେସ ନେତା ରାହୁଳ ଗାନ୍ଧୀ ଓ ଇଣ୍ଡିଆ ମେଣ୍ଟକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ରାହୁଳଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ "କଂଗ୍ରେସର ରାଜକୁମାର ଗୋଟିଏ ଝଟକାରେ ଦେଶରୁ ଦାରିଦ୍ର୍ୟ ହଟାଇ ଦେବେ ବୋଲି କହୁଛନ୍ତି, ତେବେ ଏଇ ଯାଦୁକର ଜଣକ ଏତେ ବର୍ଷ ହେଲା ଥିଲେ କେଉଁଠି ? ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ୫୦ ବଷୟ ପୂର୍ବେ ଇନ୍ଦିରାଗାନ୍ଧୀ 'ଗରୀବ ହଟାଓ' ସ୍ଲୋଗାନ ଦେଇଥିଲେ। ୨୦୧୪ ପୂର୍ବରୁ କଂଗ୍ରେସ ମଧ୍ୟ ୧୦ବର୍ଷ ଶାସନ କରୁଥିଲା ହେଲେ ଏବେ କେମିତି ତାଙ୍କୁ ଦାରିଦ୍ର୍ୟ ଦୂର କରିବାର ମନ୍ତ୍ର ମିଳିଗଲା। ଏମିତି କହି କଂଗ୍ରେସ ହାସ୍ୟାସ୍ପଦ ହେଉଛି ବୋଲି କହିଥିଲେ ମୋଦୀ।

୨୦୧୪ର ପ୍ରାରମ୍ଭରେ ଦେଶର ନୀତି ଆୟୋଗ କହିଥିଲେ ଯେ ବିଗତ ୯ବର୍ଷ ମଧ୍ୟରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମା ରେଖାରୁ ଉପରକୁ ଉଠିଛନ୍ତି। ଭାରତର ସମୁଦାୟ ଜନସଂଖ୍ୟାରେ ଗରୀବଙ୍କ ଅନୁପାତ ମାତ୍ର ୫ ପ୍ରତିଶତରୁ ଅଧିକ ନୁହେଁ ବୋଲି ମଧ ନୀତି ଆୟୋଗ ଏକଥା କହିଥିଲେ ସେଇ ଆଧାରକୁ ନେଇ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଉଛନ୍ତି। ଯେଉଁ ସର୍ବେକ୍ଷଣକୁ ଆଧାର କରି ନୀତି ଆୟୋଗଙ୍କ ସିଇଓ କହିଥିଲେ ଯେ ଦେଶର ସମୁଦାୟ ଜନସଂଖ୍ୟାର ୫ ପ୍ରତିଶତ ହୋଇଛନ୍ତି ଗରୀବ ସେଇ ସର୍ବେକ୍ଷଣ ୨୦୨୨ ଅଗଷ୍ଟମାସରୁ ୨୦୨୩ ଜୁଲାଇ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୮୭୨୩ ଗ୍ରାମ ଏବଂ ୬୧୧୫ ସହରର ୨୬୧୭୪୫ ଘରକୁ ସାମିଲ କରାଯାଇଥିଲା। ଏଥିମଧ୍ୟରୁ ୬୦ ପ୍ରତିଶତ ଗ୍ରାମାଞ୍ଚଳର ଘର ବା ପରିବାର ଏବଂ ୪୦ ପ୍ରତିଶତ ସହରାଞ୍ଚଳର ପରିବାରରୁ ସର୍ବେକ୍ଷଣ ଟିମ୍ ତଥ୍ୟ ସଂଗ୍ରହ କରିଥିଲେ। ସର୍ବେକ୍ଷଣରୁ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଥିଲା ଯେ ସମୁଦାୟ ଜନସଂଖ୍ୟାର ୫୦ ପ୍ରତିଶତ ଗ୍ରାମାଞ୍ଚଳର ବ୍ୟକ୍ତି ଖର୍ଚ୍ଚ ୩୦୯୪ଟଙ୍କା ଏବଂ ସହରାଞ୍ଚଳର ପ୍ରତି ବ୍ୟକ୍ତିଙ୍କ ଖର୍ଚ୍ଚ ୪୯୬୩ ଟଙ୍କାରୁ ଅଧିକ ନୁହେଁ। ସବୁଠାରୁ ଗରୀବ ୫ ପ୍ରତିଶତ ଗ୍ରାମାଞ୍ଚଳର ଲୋକ ୧୩୭୩ ଟଙ୍କାରେ ଓ ସହରାଞ୍ଚଳ ଲୋକେ ୨୦୦୧ ଟଙ୍କାରେ ଗୁଜୁରାଣ ମେଣ୍ଟାଇଥାନ୍ତି। ହିସାବ କଲେ ଗ୍ରାମାଞ୍ଚଳ ଲୋକଙ୍କ ଦୈନନ୍ଦିନର ଖର୍ଚ୍ଚ ୪୫ ଟଙ୍କା ଓ ସହରାଞ୍ଚଳ ଲୋକଙ୍କର ଦୈନିକ ଖର୍ଚ୍ଚ ୬୬ ଟଙ୍କା। ଦେଶର ୫ ପ୍ରତିଶତ ଲୋକଙ୍କ ଅବସ୍ଥା ଏଇଆ।

ହାଭାର୍ଡ ବିଜିନେସ ସ୍କୁଲରେ ପଢିଥିବା ଏବଂ ଡକ୍ଟର ମନମୋହନ ସିଂହଙ୍କ ସରକାରରେ ଅର୍ଥମନ୍ତ୍ରୀ ଥିବା ପି.ଚିଦାମ୍ବରମ ନୀତି ଆୟୋଗର ଏହି ରିପୋର୍ଟ ତୃଟିପୂର୍ଣ୍ଣ ବୋଲି କହୁଛନ୍ତି। ପି.ଚିଦାମ୍ବରମ ଦେଶରେ ୫ ପ୍ରତିଶତ ଗରୀବ ଅଛନ୍ତି ବୋଲି ଯାହା ବିଜେପି ସରକାର କହୁଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ କହିଛନ୍ତି ଯେ ଯଦି ସରକାର ଯାହା କହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ କହିଛନ୍ତି ଯେ "ଯଦି ସରକାର ଯାହା କହୁଛନ୍ତି ଠିକ୍ ତେବେ ସରକାର କାହିଁକି ୮୦ କୋଟି ଲୋକଙ୍କୁ ମାସିକ ୫ କେଜି ଲେଖାଁଏ ମାଗଣା ଖାଦ୍ୟଶଷ୍ୟ ଦେଉଛନ୍ତି ?" ଅର୍ଥଶାସ୍ତ୍ର ସ୍ୱାମୀନାଥନ ଆୟର ମଧ ନୀତି ଆୟୋଗର ସର୍ବେକ୍ଷଣ ଠିକ ବୋଲି ମାନୁନାହାଁନ୍ତି। ଇଂରାଜୀ ସମ୍ବାଦପତ୍ର ଟାଇମ୍ସ ଅଫ୍ ଇଣ୍ଡିଆରେ ସ୍ୱାମୀନାଥନ ଏକ ନିବନ୍ଧ ଏ ପ୍ରସଙ୍ଗରେ ଲେଖିଛନ୍ତି। ସେ ଲେଖିଛନ୍ତି ଯେ ସର୍ବେକ୍ଷଣର ତଥ୍ୟ ଏବଂ ଏହାର ବିଶ୍ଳେଷଣ ଉଭୟେ ତୃଟିପୂର୍ଣ୍ଣ। ଅର୍ଥଶାସ୍ତ୍ରୀ ସୁରଜିତ ଭାଲ୍ଲା ମଧ ଏହି ରିପୋର୍ଟ ଉପରେ ଏକମତ ନୁହଁନ୍ତି। ଏମାନଙ୍କ ମତରେ ୨୦୧୧-୧୨ରୁ ଅଦ୍ୟାବଧି ମାତ୍ର ଦୁଇ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଭାଲ୍ଲାଙ୍କ ମତରେ ଦୈନିକ ୭୦ଟଙ୍କାରୁ କମ୍ ବ୍ୟୟ କରୁଥିବା ଲୋକ ଗରୀବ। କିନ୍ତୁ ନୀତି ଆୟୋଗ ପକ୍ଷରୁ ସର୍ବେକ୍ଷଣ ସଠିକ୍ ବୋଲି କୁହାଯାଉଛି। ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଥିବା ଲୋକଙ୍କ ବାବଦରେ ଆକଳନ ପାଇଁ ସୀମାରେଖା ଉପରକୁ ଉଠିଥିବା ଲୋକଙ୍କ ବାବଦରେ ଆକଳନ ପାଇଁ ନୀତି ଆୟୋଗ ପକ୍ଷରୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନଯାପନ ପ୍ରଣାଳି ଭଳି ମାପଦଣ୍ଡକୁ ଆଧାର କରାଯାଇଥିଲା ବୋଲି କୁହାଯାଇଛି। ସୂଚନା ଯୋଗ୍ୟ ଯେ କିଏ କେତେ ଗରୀବ ସେ ବାବଦରେ ଜାଣିବା ପାଇଁ ବ୍ୟକ୍ତିର ଆୟ ବା ତାର ଖର୍ଚ୍ଚ କରିବାର କ୍ଷମତାର ଆକଳନ କରାଯାଇଥାଏ।

ହଙ୍ଗର ଓ୍ୟାଚ ନ୍ୟାସନାଲ ସର୍ଭେରେ ତଥ୍ୟ ଅନୁସାରେ ୨୦୧୨ ଡିସେମ୍ବରରୁ ୨୦୨୨ ଜାନୁୟାରୀ ମଧ୍ୟରେ ଲୋକଙ୍କ ଆୟ ବା ରୋଜଗାର ହ୍ରାସ ପାଇଛି। ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କର ଖାଇବା ପିଇବାରେ ମଧ ଅବ୍ୟବସ୍ଥା ଦେଖାଦେଇଥିଲା। ହଙ୍ଗର ଓ୍ୟାଚର ସର୍ବେକ୍ଷଣରେ ୮୦ ପ୍ରତିଶତ ଲୋକ ଖାଦ୍ୟ ସୁରକ୍ଷାର ସମସ୍ୟା କଥା ଦର୍ଶାଇଥିଲେ। ୨୫ ପ୍ରତିଶତ ଲୋକେ କମ୍ ଖାଦ୍ୟ ଖାଉଥିବା ଏବଂ ଅନେକ ସମୟରେ ଉପବାସ ରହୁଥିବା କଥା କହିଥିଲେ। ଏତଦ୍ ବ୍ୟତୀତ ପ୍ୟୁ ରିସର୍ଚ୍ଚ ସେଣ୍ଟରର ଏକ ରିପୋର୍ଟ ଏ ପ୍ରସଙ୍ଗରେ ଅନେକ ତଥ୍ୟ ଉପସ୍ଥାପନ କରିଛି। ପ୍ୟୁ ରିସର୍ଚ୍ଚ ସେଣ୍ଟରର ତଥ୍ୟ ଅନୁସାରେ କୋରନା ମହାମାରୀ କାରଣରୁ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥା ପାଇଁ ୨୦୨୨ରେ ଭାରତରେ ପାଖାପାଖି ୭୫ ନିୟୁତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯାଇଥିଲେ। ଏହି ସର୍ବେକ୍ଷଣରେ ପ୍ରତିଦିନ ୨ଡଲାର (୧୬୫ଟଙ୍କା) ବା ତାଠାରୁ କମ୍ ଖର୍ଚ୍ଚରେ ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କୁ ଗରୀବ ବୋଲି ପରିଭାଷିତ କରାଯାଇଛି।

ବର୍ତ୍ତମାନର ସରକାର ଦାରିଦ୍ର୍ୟ ଦୂରୀକରଣ ନାମରେ ଅନେକ ଯୋଜନା ଚଳାଉଛନ୍ତି ଓ ନିର୍ବାଚନରେ ଏହାକୁ ନେଇ ଲୋକଙ୍କୁ ଭୋଟ ମାଗିବାର ଯୋଜନା କରିଛି ଯାହାର ଝଲକ ବିଜ୍ଞାପନ ଏବଂ ଭାଷଣରେ ଦେଖିବାକୁ ମିଳୁଛି। ଗରୀବଙ୍କୁ ନଜରରେ ରଖି କେନ୍ଦ୍ର ସରକାରକ ଚଳାଉଥିବା ଯୋଜନା ମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା, ଜଳ ଜୀବନ ମିଶନ ଏବଂ ପ୍ରଧାନମନ୍ତ୍ରୀ ଜଳ-ଧନ ଯୋଜନା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା କରାଯାଇଥିବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଉପରେ ଆଧାରିତ ଏକ ଅଧ୍ୟନରୁ ଜଣାପଡ଼ିଛି ଯେ ଭାରତରେ ୧୯.୩ ପ୍ରତିଶତ ଏମିତି ଶିଶୁ ଅଛନ୍ତି ଯେଉଁମାନଙ୍କୁ ଠିକ୍ ଭାବରେ ଆହାର ଦିଆଯାଇପାରୁନାହିଁ। ଭାରତ ପରେ ଆଫ୍ରିକୀୟ ଦେଶ ଗୁଆନାରେ ଏଭଳି ଶିଶୁଙ୍କ ସଂଖ୍ୟା ୨୧.୮ ପ୍ରତିଶତ ଏବଂ ମାଳିରେ ୨୦.୫ ପ୍ରତିାତ। ବଙ୍ଗଳାଦେଶରେ ଏହି ହାର ୫.୬ ପ୍ରତିାତ, ପାକିସ୍ଥାନରେ ୯.୨ ପ୍ରତିଶତ,କଙ୍ଗୋରେ ୭.୪ ପ୍ରତିଶତ, ନାଇଜେରିଆରେ ୮.୮ ପ୍ରତିଶତ ଏବଂ ଇଥୋପିଆରେ ୧୪.୮ ପ୍ରତିଶତ ଜିରୋଫୁଡ ଚିଲଡ୍ରେନ ଥିବା କଥା ଜଣାପଡ଼ିଛି। କିନ୍ତୁ ଭାରତର ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ ହେଉଛି ଶିଶୁଙ୍କୁ ଖାଦ୍ୟ ନମିଳିବାର କାରଣ ହେଉଛି ପିଲାଙ୍କୁ ମା'ଖୀର ଦେବା ବା ଖାଦ୍ୟ ଦେବାରେ ଅସମର୍ଥତା। ବାଃ ରେ ଦେଶ ବାଃ ରେ ସର୍ବେକ୍ଷଣ।


+ରାମଚନ୍ଦ୍ରପୁର, ରଣପୁର





## ଅଂଶୁଘାତ


ନୂତନ କୁମାର ବେହେରା




ଆଦ୍ୟ ବୈଶାଖରୁ
ବହିଲାଣି ଜଳନ୍ତା ନିଆଁ ପରି
ଅତି ଉତ୍ତପ୍ତ ଝାଞ୍ଜି ଝରା
ଦେହ ଯାଏ ଭିଜି ସିଝି
ପ୍ରବଳ ଗୁଳୁଗୁଳିକୁ ହୁଏନା ସମ୍ଭାଳି
ତାପମାତ୍ରାର ପାରଦ ଛୁଇଁଯାଏ ଶୀର୍ଷ
ଆହୁରି ଅଛି ଆଗକୁ
ଦାରୁଣ ରୌଦ୍ରର ଜ୍ୟେଷ୍ଠ ମାସ
ଜୀବନ ଜଳେ
ହୁତୁ ହୁତୁ କୁଟା ପୁଞ୍ଜି ଭଳି
ନିଶ୍ୱାସରୁ ନିର୍ଗତ ହୁଏ ଗରମ ବାଷ୍ପ
ଲାଗେ ଏ କିବା ଆଗ୍ନେୟଗିରିର
ଲାଭା
ଅହେତୁକ ଭୟେ ଆତଙ୍କିତ
ହୁଅନ୍ତି ଜୀବଜନ୍ତୁ ଠାରୁ ଯେତେ ପ୍ରାଣୀ
ମଣିଷ ଭୋଗେ ସବୁଠୁ ବେଶି
କରି ବି ତାର ବହୁ ପ୍ରତିକାର
ଅଂଶୁମାନର ଅଂଶୁ ତେଜ
ଇନ୍ଦ୍ରଙ୍କ ବଜ୍ର ପ୍ରାୟେ
ଶୂନ୍ୟ ଆକାଶରୁ ମଧ୍ୟାହ୍ନରେ ଖସେ
ଅଂଶୁଘାତର ସମ୍ଭାବନା ଅବସମ୍ଭାବୀ
ଅନୁଭବି ରହେ ସତର୍କ
ପ୍ରଭାବିତ ହୁଏ ସବୁ ଜୀବନଧାରା
ଓସାରିଆ ପିଚୁ ସଡ଼କର ଧାରେ
ଅଚାନକ ଢ଼ଳି ପଡ଼େ
ଜରୁରୀ କାର୍ଯ୍ୟରେ ଯାଉଥିବା ପଥିକ
ଅକାଳେ ଯାଏ ଜୀବନ
ଚିକିତ୍ସିତ ହେବାକୁ ବି ନ ଥାଏ ସମୟ
ନୀରବ ଘାତକ ଏ ଅଂଶୁଘାତ
ଟାଣିନିଏ ଅପଲକେ ଅକସ୍ମାତ
ସ୍ପର୍ଶ କଲା ପରି ପ୍ରବାହିତ ବିଦ୍ୟୁତ୍ ଶକ୍ତି
ମୁମୂର୍ଷୁରେ ଦୂରବସ୍ଥା ଭୋଗୀ
ମଣିଷ ହୁଏ ନିରୁପାୟ
ଖାଁ ଖାଁ ଲାଗେ ପରିବେଶ
ଆଜି ଜଙ୍ଗଲ ଶୂନ୍ୟ ଧରା ପୃଷ୍ଠ
ବରଗଛ ଭଳି ନାହିଁ କାହିଁ
ବାମ୍ଫର ଜଳ ସମ ଶୀତଳ ଛାୟା
ଖେଳେ ଏଠି ଧନ ପ୍ରାଚୁର୍ଯ୍ୟର ମାୟା
କାଟି ଗଛଲତା ସମୂଳେ
ଗମନାଗମନର ସୁବିଧା ପାଇଁ
ଲମ୍ବି ଯାଏ ବାଲି ପଥରର କଂକ୍ରିଟ
ରାସ୍ତା
ଶିଳ୍ପାୟନର ହୁଏ ଦ୍ରୁତ ବିକାଶ
ଆଧୁନିକ ସଭ୍ୟତା ହସେ
ରହି ଶୀତତାପ ନିୟନ୍ତ୍ରଣ ମହଲରେ
ପ୍ରଦୂଷିତ ହୁଏ ସବୁ ତ
ପ୍ରକୃତିର ପଞ୍ଚଭୂତ
ମୃତ୍ୟୁ ସଞ୍ଜିବନୀ ସମ ସ୍ୱରୂପ ତାର
ଏବେ ଅବକ୍ଷୟ ହୋଇ ଚାଲିଛି
ଅବଲୁପ୍ତ ହୁଏ ଶାନ୍ତି ତୃପ୍ତିର ଅମୃତ
ମଣିଷ ପାଲଟେ ଭସ୍ମାସୁର
କାହିଁକି ନ ହେବ ଅଂଶୁଘାତ
ଦୁଃଚିନ୍ତାରେ ବସି ମୁଣ୍ଡେ ମାରେ ହାତ
ହୁଏ ଯେତେ ବିଚଳିତ
ପ୍ରତିକ୍ରିୟା ଦେଖାଇ ତାହାର
ଅଟ୍ଟହାସ୍ୟ କରେ ଖାଲି ଅଂଶୁଘାତ...।


କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨


## ଖରା


ଡ. ଦୀପକ କୁମାର ମିଶ୍ର




ବେଲଗାମ୍ ବଢୁଥିବା ପାରାରେ
ଉତୁରିଯାଉଚି ଫଡ଼ାଫଡ଼ା
ଶୂନ୍-ଶାନ୍ ରାସ୍ତାର ଚମଡ଼ା
ଯହୁଁ ନିଗିଡ଼ିଯାଉଚି
କଳା ମଚମଚ ଅବିଶ୍ରାନ୍ତ ରକ୍ତର
ଧାରା ।
କାଗଜଫୁଲକୁ ଖତେଇ
ଖରାରୁ ତ୍ରାହି ଚାହୁଁଥିବା
ଫୋଟକା ପାଦ ଅପେକ୍ଷା ନୁହେଁ କି
ତା'ର ମସୃଣ ଦିହରେ
ମାଳମାଳ ଯନ୍ତ୍ରଣା ଖସଡ଼ା ।

ଋତୁ ମୁତାବକ ଖରାର ବିଚିତ୍ର
ବୈଶିଷ୍ଟ୍ୟ
ଯେମିତି ସକାଳର
ଛୁଇଁହେଉଥିବା ଖରା
ସଞ୍ଜ ପୂର୍ବର ଲାଜବତୀ ଖରା
ବେଳାଭୂଇଁର ମିଠା ମିଠା ଖରା
ଆଉ ଏବେ ମଧ୍ୟାହ୍ନର ମୁଣ୍ଡଫଟା
ଖରାରେ
ଦେହକ ମୁକୁଳା ଖରା ପିଠିଆ ପିଠି
ମୁଣ୍ଡ ଗୁଞ୍ଜେ
ଅଧାଲଙ୍ଗଳା ଛାଇର ଛାତିରେ ।

ଖରାଦିନିଆ କୁଆମାଠିଆର ଗପ ବି
ଏବେ ଅପ୍ରାସଙ୍ଗିକ
ଖରାର ପହଁରାରେ ଓଳା ହେଉଥିବା
ଛାତକୁ
ଆଉ କଉ ଯେ ଉଡ଼ିଆସି ବସେ କୁଆ
ଏପଟେ ମାଠିଆର ପେଟରେ ପା'
କେବେଠୁଁ ଆଉଟୁପାଉଟୁ
ପାଣିର ବାଷ୍ପୀଭୂତ ନିଆଁ ।

ତଥାପି ଦେଖିଲି ନିରୋଳା
ରାସ୍ତାକଡ଼ର
ଥୁଣ୍ଟାଗଛ ତଳେ
ବେଲଟା ମାରି କେହିଜଣେ
ଇଞ୍ଚାରୁଛି ପୃଥିବୀରୁ ନିଆଁ
ଆଉ ତା ମୁଣ୍ଡରେ ଉତ୍ତପ୍ତ ଅକ୍ଷତ ଛିଞ୍ଚି
ଦୁର୍ଭାଗ୍ୟ କହୁଚି -ଦୀର୍ଘାୟୁ ଭବ ।


ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦

# ଆଇପିଏଲର୍ ବେଆଇନ ପ୍ରସାରଣ ମାମଲାରେ ତମନ୍ନା ଭାଟିଆଙ୍କ ସମନ ଜାରି



ମହାଦେବ ଅନ୍ଲାଇନ୍ ଗେମିଂ ଏବଂ ବେଟିଂ ଆପ୍ଲିକେସନ ସହାୟକ କମ୍ପାନି ଫେୟାର ପ୍ଲେ ଆପ୍‌ରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ର ୨୦୨୩ ସଂସ୍କରଣର ବେଆଇନ ପ୍ରସାରଣ ସମ୍ପର୍କିତ ମାମଲାରେ ମହାରାଷ୍ଟ୍ର ସାଇବର ବିଭାଗ ଦ୍ୱାରା ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ସମନ ଜାରି କରାଯାଇଛି। 'ବାହୁବଳୀ' ସିନେମାରେ ଖୁବ୍ ଲୋକପ୍ରିୟତା ପାଇଥିବା ତମନ୍ନାଙ୍କୁ ଏପ୍ରିଲ୍ ୨୯ ତାରିଖରେ ଡକାଯାଇଛି।

ଏହାପୂର୍ବରୁ ଉକ୍ତ ମାମଲାରେ ରାପର ତଥା ଗାୟକ ବାଦଶାହାଙ୍କୁ ପଚରାଉଚରା କରାଯାଇଥିଲା। ଏହି ସପ୍ତାହରେ ଅଭିନେତା ସଞ୍ଜୟ ଦତ୍ତଙ୍କୁ ମଧ୍ୟ ଏହି ସପ୍ତାହରେ ଡକାଯାଇଥିଲା, କିନ୍ତୁ ସେ ବିଭାଗ ନିକଟରେ ହାଜର ହେବାକୁ ସମୟ ମାଗିଛନ୍ତି।

ଏହି ସମସ୍ତ ଅଭିନେତା ଏବଂ ଗାୟକମାନେ ଆଇପିଏଲ୍ ଦେଖିବା ପାଇଁ ଫେୟାରପ୍ଲେ ଆପକୁ ପ୍ରୋତ୍ସାହିତ କରିଥିଲେ ମଧ୍ୟ ଏହି ଆପରେ ସରକାରୀ ପ୍ରସାରଣ ଅଧିକାର ନଥିଲା, ଯାହା ସରକାରୀ ପ୍ରସାରଣକାରୀଙ୍କ ପାଇଁ ବହୁ କ୍ଷତି ଘଟାଇଥାଏ।

ଗତବର୍ଷ ସେପ୍ଟେମ୍ବରର ମାସରେ, ଭିୟାକମ୍୧୮ର ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗରେ ଦର୍ଶାଯାଇଛି ଯେ ବେଟିଂ ଆପ୍ ଫେୟାର ପ୍ଲେ ପ୍ଲାଟଫର୍ମ ଆଇପିଏଲ୍ ମ୍ୟାଚକୁ ସେମାନଙ୍କ ପ୍ଲାଟଫର୍ମରେ ବେଆଇନ ଭାବରେ ଷ୍ଟ୍ରିମିଂ କରୁଛି, ଯାହା ଦ୍ୱାରା ଭିୟାକମ୍ ୧୮କୁ ୧୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡ଼ିଛି।

ଏଫ୍‌ଆଇଆର୍ ପରେ ବାଦଶାହ, ସଞ୍ଜୟ ଦତ୍ତ, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମେତ ଅନେକ ତାରକାଙ୍କୁ ପଚରାଉଚରା ପାଇଁ ଡକାଯାଇଥିଲା।

ଡିସେମ୍ବର ୨୦୨୩ରେ ବେଟିଂ ଆପର ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା।

# ଆଶ୍ଚର୍ଯ୍ୟ କରିବ କଳ୍କି ପାଇଁ ପ୍ରଭାସ ନେଉଥିବା ପାରିଶ୍ରମିକ, ଦୀପିକା ନେଉଛନ୍ତି ମାତ୍ର ଏତିକି କୋଟି




ଦର୍ଶକମାନେ ଦୀର୍ଘ ସମୟ ହେଲାଣି 'କଳ୍କି ୨୮୯୮ ଏଡି'କୁ ଅପେକ୍ଷା କରି ରହିଛନ୍ତି । ଫିଲ୍ମର ରିଲିଜ୍ ତାରିଖ ଏପର୍ଯ୍ୟନ୍ତ ଜଣାପଡିନାହିଁ କିନ୍ତୁ ଷ୍ଟାର କାଷ୍ଟଙ୍କ ପ୍ରଥମ ଲୁକ୍ ପ୍ରକାଶ ପାଇଛି। ଏହି ଚଳଚ୍ଚିତ୍ରରେ ପ୍ରଭାସ, ଦୀପିକା ପାଦୁକୋନ, ଅମିତାଭ ବଚ୍ଚନ, କମଲ ହାସନ ଏବଂ ଦିଶା ପଟାନିଙ୍କ ଭଳି ଷ୍ଟାରଙ୍କୁ ଦେଖିବାକୁ ମିଳିବ। ସମସ୍ତ ତାରକା ଏହି ଚଳଚ୍ଚିତ୍ର ପାଇଁ କୋଟି କୋଟି ଟଙ୍କାର ପାରିଶ୍ରମିକ ନେଇଛନ୍ତି। ପ୍ରଭାସ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ର ପାଇଁ ଅଭିନେତା କୋଟି କୋଟି ଟଙ୍କାର ପାରିଶ୍ରମିକ ନେଇଥିବା ଜଣାପଡ଼ିଛି। ପ୍ରଭାସ ତାଙ୍କ ଚଳଚ୍ଚିତ୍ର ପାଇଁ ସାଧାରଣତଃ ୧୦୦କୋଟି ଟଙ୍କାର ପାରିଶ୍ରମିକ ନିଅନ୍ତି।

ଏହାପୂର୍ବରୁ ତାଙ୍କର ଦୁଇଟି ଚଳଚ୍ଚିତ୍ର 'ଆଦିପୁରୁଷ' ଏବଂ 'ରାଧେ ଶ୍ୟାମ' ଫ୍ଲପ୍ ହୋଇଥିଲା। ଏହା ସତ୍ତ୍ୱେ ବି ସେ 'କଳ୍କି ୨୮୯୮ ଏଡି' ଚଳଚ୍ଚିତ୍ର ପାଇଁ ୫୦ପ୍ରତିଶତ ପାରିଶ୍ରମିକ ବଢ଼ାଇ ୧୫୦କୋଟି ଟଙ୍କା ନେଇଥିବା ଚର୍ଚ୍ଚା ହେଉଛି। ଦୀପିକା ପାଦୁକୋନଙ୍କୁ 'କଳ୍କି ୨୮୯୮ ଏଡି'ରେ ମୁଖ୍ୟ ଅଭିନେତ୍ରୀ ଭାବରେ ଦେଖିବାକୁ ମିଳିବ। ତେବେ ମୁଖ୍ୟ ଅଭିନେତା ପ୍ରଭାସଙ୍କ ତୁଳନାରେ ତାଙ୍କ ପାରିଶ୍ରମିକ ବହୁତ କମ୍ । ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଅଭିନେତ୍ରୀ ତାଙ୍କର ଶେଷ ଚଳଚ୍ଚିତ୍ର 'ଫାଇଟର୍' ପାଇଁ ୧୫କୋଟି ଟଙ୍କା ପାରିଶ୍ରମିକ ନେଇଥିଲେ। ଏବେ ଏହି ଫିଲ୍ମ ପାଇଁ ସେ ୨୦କୋଟି ଟଙ୍କା ନେଇଥିବା ଜଣାପଡ଼ିଛି।

# ପୁରସ୍କାର ବିତରଣ ଉତ୍ସବକୁ ନଯିବାର କାରଣ କହିଲେ ଅମୀର



ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଆମୀର ଖାନଙ୍କ ମଜାଳିଆ ଶୈଳୀ ଆଗାମୀ ଦିନରେ 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ରେ ଦେଖିବାକୁ ମିଳିବ। ଦୀର୍ଘଦିନର ଅପେକ୍ଷା ପରେ ଶେଷରେ ଆମୀର ଖାନ କମେଡି ସୋରେ ଅତିଥି ଭାବରେ ଯୋଗ ଦେବେ। 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ର ଏକ ନୂଆ ପ୍ରୋମୋ ସାମ୍ନାକୁ ଆସିଛି। ଯେଉଁଥିରେ ଆମୀର ଖାନ୍ ତାଙ୍କ ପିଲାମାନଙ୍କ ବିଷୟରେ କହିବା ସହ ପୁରସ୍କାର ସୋ', ଚଳଚ୍ଚିତ୍ର ଏବଂ ବିବାହ ବିଷୟରେ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି।

'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ର ପ୍ରମୋରେ ଆମୀର ଖାନ୍ କପିଲ ଶର୍ମା ଏବଂ ତାଙ୍କ ସହିତ ଥିବା ସଦସ୍ୟଙ୍କ ସହ ବହୁତ ମଜା କରୁଥିବା ଦେଖିବାକୁ ମିଳିଛି। ଏଥିରେ ପ୍ରଶ୍ନ ଏବଂ ଉତ୍ତର ସେକସନ ସମୟରେ ଅର୍ଚ୍ଚନା ପୁରନ ସିଂ ଆମୀରଙ୍କୁ ପଚାରିଛନ୍ତି ଯେ ଆପଣ ପୁରସ୍କାର ପାଇବାକୁ କାହିଁକି କୌଣସି ପୁରସ୍କାର ବିତରଣ ଉତ୍ସବକୁ ଯାଉନାହାଁନ୍ତି ଏହାର ଉତ୍ତରରେ ଆମୀର ଖାନ କହିଛନ୍ତି– 'ସମୟ ଅତ୍ୟନ୍ତ ମୂଲ୍ୟବାନ, ଏହାକୁ ସଠିକ୍ ଭାବରେ ବ୍ୟବହାର କରାଯିବା ଉଚିତ୍।'

ଏଥିସହିତ ସିନେମା ନିର୍ମାଣକୁ ନେଇ କପିଲଙ୍କ ପ୍ରଶ୍ନର ଉତ୍ତର ଦେଇ ଅମୀର କହିଛନ୍ତି, 'ମୁଁ କିଛିଦିନ ତଳେ ଦୁଇଟି ସିନେମା ନିର୍ମାଣ କରିଥିଲି। କିନ୍ତୁ ତାହା ଚାଲିଲା ନାହିଁ।' ଅମୀରଙ୍କ ଠାରୁ ଏଭଳି କଥା ଶୁଣି କପିଲ କହିଥିଲେ, 'ଅମୀର ସାର ଆପଣଙ୍କ ସିନେମା ନଚାଲିଲେ ବି ଭଲ ବ୍ୟବସାୟ କରିଥାଏ।'

# ପାଦ ଛୁଇଁ ମାମୁଙ୍କୁ ସ୍ୱାଗତ କରିବି: ଗୋବିନ୍ଦାଙ୍କୁ ନେଇ ଏଭଳି କହିଲେ କାଶ୍ମୀରା



ଖୁବଶୀଘ୍ର ବିବାହ କରିବେ ଗୋବିନ୍ଦାଙ୍କ ଭାଣିଜୀ ତଥା ଟିଭି ଅଭିନେତ୍ରୀ ଆରତୀ ସିଂ। ଏପ୍ରିଲ ୨୫ରେ ଜଣେ ବ୍ୟବସାୟୀଙ୍କୁ ସେ ବିବାହ କରିବେ ବୋଲି ଜଣାପଡ଼ିଛି। ଏବେ ବିବାହ ପାଇଁ ଆରତୀ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିଥିବା କୁହାଯାଉଛି। ପ୍ରଥମେ ଶୁଣିବାକୁ ମିଳୁଥିଲା ଯେ, ଆରତୀ ପ୍ରେମ ବିବାହ କରୁଛନ୍ତି। ହେଲେ ପରେ ଆରତୀ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କର ପ୍ରସ୍ତାବିତ ବିବାହ ହେବ। ମୁମ୍ବାଇର ବ୍ୟବସାୟୀ ଦୀପକ ଚୌହାନଙ୍କୁ ସେ ବିବାହ କରିବେ। ଏବେ ବିବାହ ପୂର୍ବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆରତୀଙ୍କ ପରିବାର ମାମୁଁ ତଥା ବଲିଉଡ ସୁପରଷ୍ଟାର ଗୋବିନ୍ଦାଙ୍କୁ ଅପେକ୍ଷା କରିଥିବା ଜଣାପଡିଛି । ଆରତୀଙ୍କ ଭାଉଜ ତଥା ଅଭିନେତ୍ରୀ କାଶ୍ମୀରା ଶାହ ପାଦ ଛୁଇଁ ଗୋବିନ୍ଦାଙ୍କ ସ୍ୱାଗତ କରିବେ ବୋଲି କହିଛନ୍ତି । ଗତ କିଛି ବର୍ଷ ହବ ଆରତୀଙ୍କ ଭାଇ ତଥା ହାସ୍ୟ ଅଭିନେତା କୃଷ୍ଣା ଅଭିଷେକ ଓ ଗୋବିନ୍ଦାଙ୍କ ମଧ୍ୟରେ ଝଗଡା ଲାଗି ରହିଛି, ଯାହାର ସମାଧାନ ଏପର୍ଯ୍ୟନ୍ତ ହୋଇନାହିଁ । ଏହାକୁ ନେଇ କାଶ୍ମୀରା କହିଛନ୍ତି ଯେ, "ମାମୁଁ ଆମ ଉପରେ ରାଗିଛନ୍ତି । ଯଦି ସେ ଆମ ଉପରେ ରାଗି ଆମ ବିବାହକୁ ଆସିନଥାନ୍ତେ ତାହେଲେ ଚଳିଥାନ୍ତା । ହେଲେ ଆରତୀଙ୍କ ସହ ତାଙ୍କର କୌଣସି ଝଗଡା ନାହିଁ । ପୁରୁଣା କଥା ଭୁଲି ଯଦି ସେ ଆରତୀଙ୍କ ବିବାହକୁ ଆସିବେ ତେବେ ଆମେ ବହୁତ ଖୁସି ହେବୁ ।"

# ଜୁଲାଇରେ ବାହା ହେବେ ଅନନ୍ତ ଅମ୍ବାନୀ ଓ ରାଧିକା, ସ୍ଥାନ-ଲଣ୍ଡନ

ଦେଶ ତଥା ବିଶ୍ୱର ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତଙ୍କ ବାହାଘର ଜୁଲାଇ ମାସରେ ହେବ। ସେ ରାଧିକା ମର୍ଚାଣ୍ଟଙ୍କ ହାତ ସାତ ଜନ୍ମ ପାଇଁ ଧରିବେ।

ନିକଟରେ ଅମ୍ବାନୀ ପରିବାର ପକ୍ଷରୁ ଅନନ୍ତ ଓ ରାଧିକାଙ୍କ ପ୍ରି-ୱେଡିଂ କାର୍ଯ୍ୟକ୍ରମ ଗୁଜରାଟର ଜାମନଗରରେ ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱ ତଥା ଦେଶର ବଡ଼ବଡ଼ ହସ୍ତୀମାନେ ଯୋଗ ଦେଇଥିଲେ।

ବଲିଉଡର ୩ ଖାନଙ୍କ ଠାରୁ ଆରମ୍ଭ କରି ହଲିଉଡର ରିହାନା ଓ ଅକୋନଙ୍କ ଭଳି ସେଲିବ୍ରେଟୀ ଜାମନଗରର ଗାଲା ଇଭେଣ୍ଟରେ ନିଜର ଯାଦୁ ଦେଖାଇଥିଲେ। ଏହା କେବଳ ପ୍ରି-ୱେଡିଂ କାର୍ଯ୍ୟକ୍ରମ ଥିଲା। ତେଣୁ ଅନନ୍ତ ଓ ରାଧିକାଙ୍କ ବାହାଘର କାର୍ଯ୍ୟକ୍ରମ କେତେ ଭବ୍ୟ ହେବ ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି।

ଗୋଟିଏ ସୂତ୍ରରୁ ଜଣାପଡ଼ିଛି ଯେ ଲଣ୍ଡନରେ ଥିବା ଅମ୍ବାନୀ ପରିବାରର ଷ୍ଟୋକ ପାର୍କ ଇ-ଷ୍ଟେଟରେ ବାହାଘର ଜୁଲାଇ ମାସରେ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ଓ ନୀତା ଅମ୍ବାନୀ ନିଜେ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି।

ଏହାପୂର୍ବରୁ ୩ ଧରି ଚାଲିଥିବା ପ୍ରି-ୱେଡିଂ କାର୍ଯ୍ୟକ୍ରମର ସବୁ ଶ୍ରେୟ ମଧ୍ୟ ଅନନ୍ତ ନିଜ ମା' ନୀତାଙ୍କୁ ଦେଇଥିଲେ। ପ୍ରି-ୱେଡିଂ ଭଳି ବାହାଘର ମଧ୍ୟ ବନ୍ଧୁ ଓ ପରିବାର ବର୍ଗଙ୍କ ମନରେ ଯେମିତି ସବୁଦିନ ପାଇଁ ସ୍ମୃତି ହୋଇ ରହିବ, ତା'ଉପରେ ନୀତା ଅଧିକ ଫୋକସ କରୁଛନ୍ତି।

ଏବେ ଠାରୁ ବଲିଉଡର ବଡ଼ବଡ଼ କଳାକାରମାନଙ୍କୁ ଅମ୍ବାନୀ ପରିବାର ପକ୍ଷରୁ ନିମନ୍ତ୍ରଣ ପତ୍ର ପଠାଇ ଦିଆଯାଇଛି। ଲଣ୍ଡନରେ ବାହାଘର ହେବାକୁ ଥିବାରୁ କଳାକାରମାନେ ସେହି ଅନୁସାରେ ସେମାନଙ୍କୁ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବେ। ତେଣୁ ଏବେଠାରୁ ସେମାନଙ୍କୁ ନିମନ୍ତ୍ରଣ ପତ୍ର ପଠାଯାଇଛି। ଜାମନଗର ପ୍ରି-ୱେଡିଂ ବେଳେ ଅତିଥିମାନଙ୍କୁ ନିମନ୍ତ୍ରଣପତ୍ର ସହ ଡ୍ରେସ୍ କୋଡ୍ ସମ୍ପର୍କରେ ୯ ପୃଷ୍ଠାର ସୂଚନା ଦିଆଯାଇଥିଲା।



ବାହାଘରରେ ମଧ୍ୟ ସେମିତି କିଛି କରାଯାଇଛି। ତେବେ ବାହାଘରର ଥିମ ସମ୍ପର୍କରେ ସୂଚନା ମିଳିନି। କିନ୍ତୁ କୁହାଯାଉଛି ଯେ ଲଣ୍ଡନରେ ବାହାଘର କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। କକଟେଲ/ସଙ୍ଗୀତ ନାଇଟର ମଧ୍ୟ ବ୍ୟବସ୍ଥା ହେବ। ଅତିଥି ତାଲିକାରେ ଶାହରୁଖ ଖାନ, ସଲମାନ ଖାନ, ବଚ୍ଚନ ପରିବାର, ରଣବୀର ସିଂହ, ଦୀପିକା ପାଦୁକୋନ, ବିରାଟ-ଅନୁଷ୍କା, ରଣବୀର-ଆଲିଆ, ଭିକ୍କି-କ୍ୟାଟ୍ରିନା ପ୍ରମୁଖ ରହିଛନ୍ତି। ଏହାବାଦ ଅନେକ ହଲିଉଡ କଳାକାର ମଧ୍ୟ ଜୁଲାଇରେ ହେବାକୁ ଥିବା ରାଧିକା-ଅନନ୍ତଙ୍କ ବାହାଘରରେ ଯୋଗଦେବେ।

# ବ୍ରେକଅପ ହେବାରୁ ଜୀବନ ହାରିବା କଥା ଲେଖି ଡିଲିଟ୍ କଲେ ବାବିଲ ଖାନ୍



ବାବିଲ ଖାନ ହେଉଛନ୍ତି ଦିବଂଗତ ସୁପରଷ୍ଟାର ଇରଫାନ ଖାନଙ୍କ ପୁଅ। ଏହି ପରିଚୟ ବ୍ୟତୀତ ତାଙ୍କର କଳାକାର ଭାବରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ରହିଛି। ନିଜ ବାପାଙ୍କ ଭଳି ବାବିଲ ମଧ୍ୟ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ କିଣିଛନ୍ତି। ସବୁବେଳେ ନିଜ ଫିଲ୍ମ ବା ମିଳିଥିବା ଆୱାର୍ଡକୁ ନେଇ ଚର୍ଚ୍ଚାରେ ରହୁଥିବା ବାବିଲ ଏବେ ନିଜର ଏକ ପୋଷ୍ଟକୁ ନେଇ ଚର୍ଚ୍ଚାରେ ଅଛନ୍ତି। ମାସ ଆରମ୍ଭରୁ ତାଙ୍କ ପିତା ଇରଫାନ ଖାନଙ୍କୁ ନେଇ ଏକ ଭାବପ୍ରବଣ ପୋଷ୍ଟ କରିଥିଲେ ବାବିଲ। ଏବେ ପୁଣି ଥରେ ବାବିଲ ତାଙ୍କ ପିତାଙ୍କୁ ନେଇ କରିଥିବା ଏକ ପୋଷ୍ଟ ହେତୁ ଚର୍ଚ୍ଚାରେ ଅଛନ୍ତି। ଏପ୍ରିଲ୍ ୨୪ରେ, ବାବିଲ୍ ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଥିଲେ ଯେ, ବେଳେବେଳେ ମୋତେ ଏମିତି ଲାଗୁଛି ଯେମିତି ସବୁକିଛି ଛାଡି ବାପାଙ୍କ ପାଖକୁ ଚାଲିଯିବି। ଏଭଳି ପୋଷ୍ଟ କରିବା ପରେ ସେ ସଙ୍ଗେ ସଙ୍ଗେ ଏହାକୁ ହଟାଇ ଦେଇଥିଲେ। ହେଲେ ତାଙ୍କ ପ୍ରଶଂସକ ଏହି ପୋଷ୍ଟକୁ ଦେଖି ସାରିଥିବାରୁ ସମସ୍ତେ ତାଙ୍କ ପାଇଁ ଚିନ୍ତିତ ହୋଇପଡ଼ିଥିଲେ। ବାବିଲ ଜୀବନ ହାରିଦେବେ ବୋଲି ଚିନ୍ତା କରି ତାଙ୍କ ପ୍ରଶଂସକ କୌଣସି ବଡ଼ ପଦକ୍ଷେପ ନନେବାକୁ କହିଥିଲେ। ବାବିଲ କ'ଣ ପାଇଁ ଏଭଳି ପୋଷ୍ଟ କରିଥିଲେ, ଏହାର କାରଣ ତାଙ୍କ ପ୍ରଶଂସକ ପଚାରୁଥିବା ବେଳେ ଏବେ ତାଙ୍କ ବ୍ରେକଅପ ହୋଇଥିବା ଜଣାପଡ଼ିଛି। ପ୍ରେମିକା ତଥା ଇନଫ୍ଲୁଏନସର ପ୍ରକ୍ରିତି ପାବନୀଙ୍କ ସହ ବାବିଲଙ୍କ ପ୍ରେମ ସମ୍ପର୍କ ଥିବା ବେଳେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ଚର୍ଚ୍ଚା ହେଉଛି। ବାବିଲ, ପ୍ରକ୍ରିତିଙ୍କ ସହ ଏକ ଫଟୋ ସେୟାର କରି ନିଜ ମନ କଥା ଲେଖିବା ପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି।

# ଏସବିଆଇ ସୁରକ୍ଷା କର୍ମୀଙ୍କ କାର୍ଯ୍ୟକଳାପରେ ଗ୍ରାହକ ଅସନ୍ତୋଷ

ଧର୍ମଶାଳା, ୨୫/୪ (ନି.ପ୍ର): ସରକାର ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ବ୍ୟବସାୟୀକରଣ ନିମନ୍ତେ ବହୁ ରାଷ୍ଟ୍ରାୟତ ବ୍ୟାଙ୍କ ପ୍ରତିଷ୍ଠା କରିଛନ୍ତି । ଏବଂ ସମସ୍ତ ବ୍ୟାଙ୍କଗୁଡିକୁ ଡିଜିଟାଲ କରାଯାଉଛି । ଏବଂ ବ୍ୟାଙ୍କକୁ ଆସୁଥିବା ଗ୍ରାହକମାନଙ୍କ ପାଇଁ ଉତମ ସେବା ପ୍ରଦାନ କରିବାକୁ ପ୍ରଚାର ପ୍ରସାର କରୁଛନ୍ତି । ହେଲେ କେତେକ କର୍ମଚାରୀମାନଙ୍କ ପାଇଁ ଏହି ସବୁ ବ୍ୟାଙ୍କରୁ ଗ୍ରାହକ ମୁହଁ ଫେରାଇ ନେଉଛନ୍ତି । ତଳ ଶ୍ରେଣୀର କର୍ମଚାରୀଙ୍କ କାର୍ଯ୍ୟକଳାପରେ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କ୍ଷେତ୍ରରେ । ଏହି ବ୍ୟାଙ୍କରେ ସୁରକ୍ଷା ଦାୟିତ୍ୱରେ ଥିବା କର୍ମୀ ଚନ୍ଦ୍ର ମୋହନ ହେମରମ୍‌ଙ୍କ କାର୍ଯ୍ୟକଳାପରେ ଗ୍ରାହକ ଅତିଷ୍ଠ ହୋଇପଡୁଥିବା ଅଭିଯୋଗ ହୋଇଛି । ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଗ୍ରାହକମାନେ ପ୍ରକାଶ କରିଛନ୍ତି । ଅଭିଯୋଗ ମୁତାବକ,ଚନ୍ଦ୍ର ମୋହନ ଦୀର୍ଘ ଦିନ ଧରି ବ୍ୟାଙ୍କର ସୁରକ୍ଷା ଦାୟିତ୍ୱରେ ରହି ଆସୁଛନ୍ତି । ବ୍ୟାଙ୍କକୁ ଆସୁଥିବା ଗ୍ରାହକମାନଙ୍କୁ ବିଭିନ୍ନ ଆଳ ଦେଖାଇ ଗ୍ରାହକ ମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ଏହି ବ୍ୟାଙ୍କକୁ ନ ଆସି ଅନ୍ୟ ବ୍ୟାଙ୍କ ଯିବାକୁ ଧମକ ଦେଉଛନ୍ତି । ଏହାକୁ ନେଇ ଅନେକ ସମୟରେ ସୁରକ୍ଷା କର୍ମୀ ଓ ଗ୍ରାହକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଛି । ଏପରି ଅନେକ ସମୟରେ ସୁରକ୍ଷା କର୍ମୀଙ୍କ ହାତରେ ଥିବା ବନ୍ଧୁକରୁ ଗୁଳି ଫୁଟାଇ ଥିବା ନଜିର ମଧ ରହିଛି । ଏହି ଗୁଳି ଫୁଟାରେ କାହାରି କିଛି କ୍ଷତି ହୋଇ ନ ଥିବା ବେଳେ ଗୁଳିଟି କାନ୍ଥରେ ବାଜିଥିଲା । ଏହି ଘଟଣାକୁ ନେଇ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଏହି ଘଟଣାରେ ତଦନ୍ତ କରାଯାଇଥିଲା ହେଲେ ତାଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ ଆପୋଷ ସମାଧାନ କରାଯାଇଥିଲା । ପୁଣି କିଛି ଦିନ ବ୍ୟବଧାନ ପରେ ଚନ୍ଦ୍ର ମୋହନଙ୍କ ଏଭଳି କାର୍ଯ୍ୟକଳାପରେ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି । ତାଙ୍କୁ ତୁରନ୍ତ ଅନ୍ୟତ୍ର ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି ।

# ଗଞ୍ଜେଇ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର , ୨୫/୪ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ନୀରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢାଉ କରାଯାଇଛି । ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକହେଲା ବୈପାରିଗୁଡା ଥାନା ଜବା ଗ୍ରାମର ରବିନ୍ଦ୍ର ପାତ୍ର (୨୪) । ଏକ ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ସୁଚନା ପାଇ ବାଲିଆ ଢାବା ନିକଟରେ ଚଢାଉ କରାଯାଇଥିଲା । ଚଢାଉ କରି ୨୨ କେଜି ଗଞ୍ଜେଇ ଓ ବାଇକ କୁ ଜବତ କରିଛି । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦଓ ସୂଚନା ଦେଇଛନ୍ତି ।

# ମେ’ ୧୦ରେ ଖୋଲିବ ମଣ୍ଡି

ସମ୍ବଲପୁର, ୨୫/୪ (ନି.ପ୍ର): ଆସନ୍ତା ମେ ମାସ ୧୦ ତାରିଖ ଦିନ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିବ । ଏଥିରେ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ୩୦ଟି ପ୍ରାଥମିକ କୃଷି ସମବାୟ ସମିତି/ବୃହତ ଅଞ୍ଚଳ ବହୁମୁଖୀ ସମିତି ଅଂଶଗ୍ରହଣ କରିବେ । ମୋଟ ୬୧ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ । ଏଥିରେ ୪୬ ଜଣ କଷ୍ଟମ ମିଲର ଅଂଶଗ୍ରହଣ କରିବେ । ଏଥର ୧୫,୫୬୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ସମୁଦାୟ ଯାଞ୍ଚ ହୋଇଥିବା ଚାଷୀଙ୍କ ସଂଖ୍ୟା ୧୫,୫୩୪ ରହିଛି । ପି-ପାସ୍ (ଅନଲାଇନ୍ ମୋଡରେ ରିଅଲ୍ ଟାଇମ୍ କ୍ରୟ) ମାଧ୍ୟମରେ କ୍ରୟ କରାଯିବ ଯେଉଁଠାରେ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ ଏବଂ କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସଏମଏସ ପଠାଯିବ । କେବଳ ଆଧାର ପ୍ରମାଣୀକରଣ ଓ ଆଇରିସ୍ ସ୍କାନର ଜରିଆରେ ଧାନ କିଣାଯିବ । ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍ ମୋଡରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ (ଏମ୍‌ଏସ୍ପି) ଜମା କରାଯିବ ଏବଂ ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ ଜମା କରାଯିବ । ସମସ୍ତ ପ୍ରସ୍ତାବିତ ମାର୍କେଟ୍ ୟାର୍ଡ ଓ ପିପିସି ଆସନ୍ତା କାଲିଠାରୁ କାର୍ଯ୍ୟକ୍ଷମ ହେବ । ଆଜି ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଅପରପକ୍ଷରେ ଚାଷୀମାନେ ପ୍ରଶାସନର ଚାଷୀ ବିରୋଧୀ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରଶାସନକି ଅବହେଳା ଯୋଗୁ ଏକର ପିଛା ପାଖାପାଖି ୧୦ କ୍ୱିଣ୍ଟାଲ୍ ଧାନ ବିକିନପାରି ବଳି ଯାଉଥିବା ଚାଷୀ ନେତା ଦେବେନ୍ଦ୍ର ପ୍ରଧାନ କହିଛନ୍ତି । ଚାଷୀମାନେ ବାଧ ହୋଇ ବଳକା ଧାନକୁ କମ୍ ଦରରେ ବେପାରୀମାନଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି ଦେବେନ୍ଦ୍ର କହିଛନ୍ତି । ଟୋକନ୍ ଏକ ସ୍ଥାୟୀ ସମସ୍ୟା ହୋଇ ରହିଆସିଛି । ମଣ୍ଡି କରିବା ପାଇଁ ପ୍ରଶାସନ ସଂପୂର୍ଣ୍ଣ ଭାବେ ମିଲରମାନଙ୍କ ଉପରେ ନିର୍ଭର କରୁଛି । ସେହି କାରଣରୁ ଅବ୍ୟବସ୍ଥା ସଂଖ୍ୟା ବଢୁଛି । କେଉଁଠାରେ ଓଜନ ମେସିନ୍ ରହୁନି, ତ ଆଉ କେଉଁଠାରେ ସେଡ୍ ନଥିବାରୁ ଗଛ ତଳେ ମଣ୍ଡି ଚାଲୁଛି । ପାନୀୟ ଜଳ ସମସ୍ୟା ବି ରହୁଛି । କଟନିଛଟନି ଯୋଗୁ ଚାଷୀ କ୍ଷତି ସହୁଛନ୍ତି । କ୍ୱିଣ୍ଟାଲ୍ ପିଛା ୫ କେଜି ପର୍ଯ୍ୟନ୍ତ କଟ୍‌ନି ଛଟନି କରାଯାଉଥିବା ଦେବେନ୍ଦ୍ର କହିଛନ୍ତି । ଡିଏଲପିସି ବୈଠକରେ ଏଭଳି ଅନେକ ଅଭିଯୋଗ ଅଣାଯାଇଥିବା ବେଳେ କାହାର ସମାଧାନ କଥା ଚିନ୍ତା ବି କରାଯାଇ ନଥିଲା ।

# ମା ନିତେଇ ଧୋବଣୀଙ୍କ ଚୈତ୍ର ପର୍ବ

ବଲାଙ୍ଗୀର, ୨୫/୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ରଜକ ସମାଜ ତରଫରୁ ତା:୨୩-୪-୨୦୨୪, ମଙ୍ଗଳବାର ପୂର୍ଣ୍ଣମା ଦିନ ଇଷ୍ଟ ଦେବୀ ମାଁ ନିତେଇ ଧୋବଣୀଙ୍କ ଚୈତ୍ର ପର୍ବ ବଲାଙ୍ଗିର,ବିଷ୍ଣୁମୁଣ୍ଡା ଗ୍ରାମସ୍ଥିତ ମା’ ନିତେଇ ଧୋବଣୀଙ୍କ ମନ୍ଦିରରେ ମହାଆଡମ୍ବରରେ ପାଳନ ହୋଇ ଯାଇଛି । ପ୍ରଥମେ ମନ୍ଦିରର ପୂଜକ ଚୈତରାମ ସେଠ୍ ଓ ଛବିଲାଲ ସେଠ୍ ପରମ୍ପରାନୁଜାୟୀ ପୂଜାର୍ଚ୍ଚନା କରିଥିଲେ । ଏହି ପର୍ବରେ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ରଜକ ଭାଇ ବନ୍ଧୁ ଯୋଗଦାନ କରିଥିଲେ । ବଲାଙ୍ଗୀର ଜିଲ୍ଲା ରଜକ ସମାଜର ସଭାପତି କଲାକାହ୍ନୁ ସେଠ୍‌ଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂପାଦକ କିର୍ତିଚନ୍ଦ୍ର ସେଠ୍ ସଭା ପରିଚାଳନା କରିଥିଲେ । ଉକ୍ତ ବୈଠକରେ ଆଗକୁ ହେବାକୁଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ କିପରି ଭାବରେ ସମ୍ପାଦନ କରାଯିବ ସେ ବିଷୟରେ ସମସ୍ତଙ୍କ ସହଯୋଗ କାମନା କରାଗଲା । କୋଷାଧ୍ୟକ୍ଷ ଶେଖର ସେନ୍ ସେଠ୍ ହିସାବ କାର୍ଯ୍ୟ ତୁଲାଇ ଥିଲେ । ମନ୍ଦିର କମିଟି ସଂପାଦକ ଗଦାଧର ସେଠ୍ ବିଶେଷ କାର୍ଯ୍ୟ ତୁଲାଇଥିଲେ । ବଲାଙ୍ଗୀର ଉପଖଣ୍ଡ ସଭାପତି ଭୁବନେଶ୍ୱର ସେଠ୍ ଓ ସଂପାଦକ ଶିବପ୍ରସାଦ ସେଠ୍ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବରିଷ୍ଠ ସଭ୍ୟ ଜଗଦୀଶ ସେଠ୍ ଓ ଶ୍ରୀ ସୁଦାମ ସେଠ୍ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

# ବନ୍ଧଡିହଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା, ୨୫/୪ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚୟତ ବନ୍ଧଡିହ ମାରୁତି କୃପା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ସ୍ଥାନୀୟ ଅଂଚଳର ଭକ୍ତମାନେ ବ୍ରାହ୍ମଣୀ ନଦୀରୁ କଳସରେ ପାଣି ଉଠାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଏହି କଳସ ଶୋଭାଯାତ୍ରରେ ଭକ୍ତମାନେ ପଂଚାୟତର ବିଭିନ୍ନ ସ୍ଥାନ ପରିକ୍ରମା କରି ରାମ ମନ୍ଦିର ପରିସରରେ ଯଜ୍ଞମଣ୍ଡପରେ ପଂହଚି ଥିଲେ । ପରେ ବିଶିଷ୍ଟ ପଣ୍ଡିତ ବିଷ୍ଣୁ ମୋହନ ତ୍ରିପାଠୀଙ୍କ ତତ୍ୱବଧାନରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା । ମୁଖ୍ୟ କର୍ତାଭାବେ ରଞ୍ଜିତ ବେହେରା ଓ ଗୀତାଞ୍ଜଳୀ ବେହେରା ଯଜ୍ଞ କର୍ମରେ ସହଯୋଗ କରିଥିଲେ । ବିଭିନ୍ନ ଦିବସମାନଙ୍କରେ ସୂର୍ଯ୍ୟ ପୂଜା,ଗୋ-ପୂଜା,ଷୋଡଶ ଉପଚାର ପୂଜା ସହ ସନ୍ଧ୍ୟାରେ ନାମ ସଂକୀର୍ତନ,ଭଜନ ସନ୍ଧ୍ୟା,ପ୍ରବଚନ ଓ ରାମଚରିତ ମାନସ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଟ୍ରଷ୍ଟ ଉପଦେଷ୍ଟା ଅର୍ଜୁନ ଚରଣ ମହାନ୍ତି,ସନ୍ତୋଷ ସାହୁ,ଶ୍ରୀକାନ୍ତ ସାହୁ,କୁଳମଣୀ ବେହେରାଙ୍କ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପୂର୍ଣ୍ଣାହୁତି ଦିବସରେ ସ୍ଥାନୀୟ ୧୦ ଗୋଟି ପଂଚାୟତର ଶହଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଜନସମାଗମକୁ ଦୃଷ୍ଟିରେ ରଖି ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଅମୃତିଆ ମା ହିଂଗୁଳା ମହୋତ୍ସବ- ୨୦୨୪ ଉଦ୍‌ଘାଟିତ

କୋରେଇ, ୨୫/୪ (ନି.ପ୍ର): କୋରେଇ ବ୍ଲକ ଅର୍ନ୍ତଗତ ଅମୃତିଆ ମା ହିଂଗୁଳା ପୂଜା ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମା ହିଂଗୁଳା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍ଘାଟିତ ହୋଇଛି । ହିଂଗୁଳା କମିଟିର ସଭାପତି ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବ ସନ୍ଧ୍ୟା ଅତିଥି ମାନଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ମାଙ୍କ ମହିମା ଓ ବର୍ତମାନ ମହୋତ୍ସବର ଆବଶ୍ୟକତା ସର୍ମ୍ପକରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥିଭାବେ ନାରାୟଣ ରାଉତ, ସମାଜସେବୀ ସୁରେନ୍ଦ୍ର ପାଣି, ସମ୍ବାଦିକ ପ୍ରଦୀପ କୁମାର ମାଝୀ, ପୂଜକ ନାରାୟଣ ଶତପଥି, ବ୍ରହ୍ମାନନ୍ଦ ଶତପଥି, ନୀଳମଣି ଲେଙ୍କା ପ୍ରମୁଖ ଯୋଗଦେଇଥିଲେ । ବସନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଳାଦ୍ରୀ ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପାଦକ ଶିଶିର ମହାପାତ୍ର, ହରେକୃଷ୍ଣ ପଣ୍ଡା, ତପନ ସାହୁ, ତପନ ବାରିକ, ଲକ୍ଷ୍ମୀଧର ବିଶ୍ୱାଳ, ସୁଧାଂଶୁ ମହାପାତ୍ର, ଅନନ୍ତ ବେହେରା, କୁଳମଣି ଲେଙ୍କା, ମନୋରଂଜନ କବି, ନିତ୍ୟାନନ୍ଦ ସେଠୀ ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଯଜ୍ଞର ପ୍ରଥମ ଦିବସରେ ଭକ୍ତ ଓ ଦର୍ଶକମାନେ ମାଙ୍କ ପୀଠରେ ପହଂଚି ବିଭୂକୃପା ଲାଭ କରିବା ସହ ସମୂହ ପ୍ରସାଦ ସେବନରେ ସାମିଲ ହୋଇଥିଲେ । ପରେ ଭକ୍ତମାନଙ୍କ ପାଇଁ ପାଲା ପରିବେଷଣ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବନ୍ଦୋବସ୍ତ କରାଯାଇଥିଲା ।

# ସାହାଜବାହାଲ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ବଲାଙ୍ଗୀର, ୨୫/୪ (ନି.ପ୍ର): ସ୍ଥାନୀୟ ଗୋପୀନାଥ ଉଚ୍ଚ ମାଧମିକ ବିଦ୍ୟାଳୟ ସାହାଜବାହାଲରେ ଗତ ତା.୦୮.୦୪.୨୦୨୪ ରୁ ୨୩.୦୪.୨୦୨୪ ପର୍ଯ୍ୟନ୍ତ ହୋଇଥିବା ଛାତ୍ରୀମାନଙ୍କର ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପନୀ ସମାରୋହ ଅଧକ୍ଷ ପ୍ରେମାଧର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ନୋଡାଲ ଅଫିସର ତଥା ଚେୟାରମ୍ୟାନ ସୁଦାମ ଚରଣ ଖମାରି ମୁଖ୍ୟ ଅତିଥି ଏବଂ ଜିଲ୍ଲା ସଂଯୋଜକ ଡକ୍ଟର ଧନଞ୍ଜୟ ସେଠ୍ ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ । ଆତ୍ମରକ୍ଷା ତାଲିମର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଶ୍ରୀ ଖମାରି ବିଶେଷ ବ୍ୟାଖ୍ୟା କରିଥିଲେ । ଟ୍ରେନିଂ ପରବର୍ତି ଆତ୍ମ ବିଶ୍ୱାସ ସର୍ମ୍ପକରେ ଛାତ୍ରୀମାନେ ନିଜର ଅନୁଭୂତି ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଟ୍ରେନିଂ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଅଧାପିକା ଶିଲା ଛତ୍ରିଆ ସଭା ପରିଚାଳନା କରିଥିଲେ । ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ଅବକାରୀ ଥାନାରେ ଲାଗିଲା ନିଆଁ, ଜଳିଗଲା ଜବତ ହୋଇଥିବା ଗାଡି, ମୋଟରସାଇକଲ

ବଲାଣି, ୨୫/୪ (ନି.ପ୍ର): ଅବକାରୀ ଥାନାରେ ନିଆଁ ଲାଗି ଜବତ ହୋଇଥିବା ଏକାଧିକ ଚାରି ଚକିଆ ଗାଡି, ମୋଟର ସାଇକଲ ଓ ଆନ୍ୟନ୍ୟ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଛି । ଏପରି ଅପ୍ରତ୍ୟାଶିତ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବଡ଼ବିଲ ଅବକାରୀ ଥାନାରେ । ଏହି ଅଗ୍ନିକାଣ୍ଡରେ ଜବତ ହୋଇଥିବା ଗାଡି ସମେତ ଲକ୍ଷାଧିକ ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଜଳିପଡି ପାଉଁଶ ହୋଇଯାଇଛି । ବୁଧବାର ଭୋର ପ୍ରାୟ ରାତି ତିନିଟା ସମୟରେ ଅବକାରୀ ଥାନା କର୍ମଚାରୀ ବାହାର କୁ ବାହାରିଲା ବେଳେ ଦେଖିଲେ ଯେ ଜବତ ହୋଇ ଥିବା ଗାଡି, ମଟର ସାଇକେଲରେ ଓ ଅନ୍ୟାନ୍ୟ ସାମଗ୍ରୀ ହୁତୁ ହୁତୁ ହୋଇ ଜଳୁଛି ।ସଙ୍ଗେ ସଙ୍ଗେ ବଡ଼ବିଲ ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ ,ଖବର ପାଇ ଅଗ୍ନିଶମ ବିଭାଗ ନିଆଁ କୁ ଆୟତ୍ତ କରିବାକୁ ଚେଷ୍ଟା କରିଥଲେ । ତେବେ ଅଗ୍ନିଶିଖା ଏତେ ପ୍ରଖର ଥିଲା ଯେ ଗୋଟିଏ ସ୍କୋର୍ପିଓ ଦୁଇଟି ବୋଲେରୋ ,ଗୋଟିଏ ଅଟୋ , ଗୋଟିଏ ସ୍କୁଟି ସମେତ ୧୦ଟି ମଟର ସାଇକେଲ ଏବଂ ଜବତ ହୋଇଥିବା ଅନ୍ୟାନ୍ୟ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଥିଲା । ରାତ୍ରି ର ସୁଯୋଗ ନେଇ କେହି ଦୃର୍ବୃର୍ତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା କିମ୍ବା ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ।ତେବେ ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ବଡ଼ବିଲ ଅବକାରୀ ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଘଟଣା ସ୍ଥଳରେ ବଡ଼ବିଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ବାଡ଼ି ଖେଳକୁ ନେଇ ଗୋଷ୍ଠୀ ସଂଘର୍ଷ ମାମଲାରେ ତିନି ଅଦାଲତ ଚାଲାଣ

କୋରେଇ, ୨୫/୪ (ନି.ପ୍ର): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ମା ହିଙ୍ଗୁଳାଙ୍କ କଳସ ବୁଡ଼ା ସମୟରେ ବାଡ଼ି ଖେଳ ପ୍ରଦର୍ଶନ କରିବାକୁ ଆସିଥିବା କଳାକାର ମାନଙ୍କ ଉପରେ ଅନ୍ୟ ଏକ ବାଡ଼ି ଖେଳ କଳାକାର ଗୋଷ୍ଠୀ ଆକ୍ରମଣ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା । ପ୍ରକାଶଯେ ଶଙ୍ଖଚିଲା ମା ହିଙ୍ଗୁଳାଙ୍କ କଳସ ବୁଡ଼ା ଯାତ୍ରାରେ ବାଡ଼ି ଖେଳ ପ୍ରଦର୍ଶନ କରିବା ଲାଗି କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ଜହ୍ନା ପଂଚାୟତ ଅନ୍ତର୍ଗତ କୁରୁପଦା ଗ୍ରାମର ଯାଦବ ସଂଘର କଳାକାର ମାନେ ବାଡ଼ି ଖେଳିବାକୁ ଆସିଥିଲେ । ବାଡ଼ି ଖେଳ ସରିବା ପରେ କମିଟି ପକ୍ଷରୁ ସଂଘର କଳାକାର ମାନଙ୍କ ନିମନ୍ତେ ସ୍ଥାନୀୟ ଏକ ଦୋକାନରେ ଜଳଖିଆ ଖାଇବା ଲାଗି ବନ୍ଦୋବସ୍ତ କରାଯାଇଥିଲା । ତେବେ ଉକ୍ତ କଳାକାର ମାନେ ସେଠରେ ଜଳଖିଆ ଖାଉଥିବା ବେଳେ ଠାକୁରପାଟଣା ଗ୍ରାମର ବାଡ଼ି ଖେଳିବାକୁ ଆସିଥିବା କିଛି ଯୁବକ କୁରୁପଦାର ଗୋଟିଏ ପିଲାକୁ ଅତର୍କିତ ଆକ୍ରମଣ କରିଥିଲେ । ତେବେ ଅନ୍ୟମାନେ ଏହାକୁ ବିରୋଧ କରିବାରୁ ଠାକୁରପାଟଣା ଗ୍ରାମର ୫୦ ଜଣ ବ୍ୟକ୍ତି କୁରୁପଦା ଗ୍ରାମର ଯୁବକ ମାନଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ । ଏହି ମାମଲାର ଅଭିଯୋଗ ପରେ ପୁଲିସ ଆଜି ମାମଲା ୨୧୭/୨୪ରେ ତିନି ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ମାନେ ହେଲେ ଠାକୁର ପାଟଣା ଗ୍ରାମର ବାବନ ସେଠୀଙ୍କ ପୁଅ ମାୟାଧର ସେଠୀ (୬୦) କରୁଣାର ସାହୁଙ୍କ ପୁଅ ଶଶିକାନ୍ତ ସାହୁ (୨୮) ଓ ନୂଆପାଟଣା ଗ୍ରାମର ବୁଲେଇ ମଲିକଙ୍କ ପୁଅ ଧରଣୀଧର ମଲିକ (୬୦) । ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରି ରଖିଛି ।

# ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟର୍ ସଚେତନତା

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର): ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି । ତେଣୁ ଏହି ନିର୍ବାଚନରେ ଶତପ୍ରତିଶତ ଭୋଟ୍‌ଦାନ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ଶୈଳୀରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କ୍ରମରେ ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟର୍‌ମାନଙ୍କୁ ସଚେତନ କରିବାକୁ ଆଜିଠୁ ଅଭିଯାନ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜଳସେବା କେନ୍ଦ୍ର ଉଦ୍‌ଘାଟନ କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, “ଭୋଟ୍‌ଦାନ ହେଉଛି ଏକ ସାମ୍ବିଧାନିକ ଅଧିକାର । ରାଜ୍ୟ ରାଜନୀତିର ପ୍ରମୁଖ ଜିଲ୍ଲା ଭାବେ ପରିଚିତ କେନ୍ଦ୍ରାପଡ଼ାର ସମସ୍ତ ଭୋଟର୍ ଆଗେଇ ଆସନ୍ତୁ ଏବଂ ନିଜର ମତ ସାବ୍ୟସ୍ତ କରି ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଅଧିକ ମଜବୁତ୍ କରନ୍ତୁ । ମୁଁ ମତଦାନ କରିବି ନିଶ୍ଚୟ, ଏହି ଶପଥ ସଭିଏଁ ନିଅନ୍ତୁ ।” ଭୋଟର୍‌ମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ପ୍ରାଥମିକ ସ୍ତରରେ ସମସ୍ତ ବ୍ଲକ୍‌ରେ ମୋଟ୍ ୫୦ଟି ଜଳସେବା କେନ୍ଦ୍ରରେ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରବର୍ତ୍ତନ ସଂସ୍ଥାମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୨୫/୪ (ନି.ପ୍ର): ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଭୁବନେଶ୍ୱର ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସାଧାରଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ , ପୋଲିସ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର , ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ଶ୍ରୀମତୀ ହିମାଳିନୀ କାଶ୍ୟପଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ସର୍ବୋଚ୍ଚ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଏଭଳି ମତ ପ୍ରକାଶ କରିଛନ୍ତି ।

ବୈଠକରେ ନିଜର ପ୍ରାରମ୍ଭିକ ବକ୍ତବ୍ୟ ରଖି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଅନୈତିକ ଉପାୟରେ ବ୍ୟବହୃତ ହେଉଥିବା ଧନବଳ, ମାଦକ ଦ୍ରବ୍ୟ ଓ ଉପହାର ଆଦିକୁ ରୋକିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ସକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ବିଷୟରେ ଶ୍ରୀ ଧଳ ଆଲୋଚନା କରିଥିଲେ । ଏ ହି ଅବସରରେ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ପ୍ରବର୍ତନ ସଂସ୍ଥା ଯଥା-ଓଡ଼ିଶା ପୋଲିସ, ଅବକାରୀ ବିଭାଗ, ଆୟକର ବିଭାଗ, ରାଜ୍ୟ ଜିଏସ୍‌ଟି, କେନ୍ଦ୍ର ଜିଏସ୍‌ଟି, ବ୍ୟାଙ୍କସମୂହ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଏୟାରପୋର୍ଟ ଅଥରିଟି, ଡାକ ବିଭାଗ, ସିଆଇଏସ୍‌ଏଫ୍, ଆରପିଏଫ୍, ଏନ୍‌ସିବି, ରାଜସ୍ୱ ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ଭାରତୀୟ କୋଷ୍ଟ ଗାର୍ଡ୍, ପ୍ରବର୍ତନ ନିର୍ଦ୍ଦେଶାଳୟ, ବେସାମରିକ ବିମାନ ଚଳାଚଳ ବିଭାଗ ଓ ସିଆଇଏସଏଫ୍‌ର ରାଜ୍ୟ ନୋଡାଲ ଅଧିକାରୀମାନେ ପିପିଟି ପ୍ରେଜେଂଟେସନ୍ ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କ ସମ୍ମୁଖରେ ନିର୍ବାଚନ ପ୍ରସ୍ତୁତି, ଜବତ ବ୍ୟବସ୍ଥା ଓ ତା’ର କାର୍ଯ୍ୟାନ୍ୱୟନ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ରଖିଥିଲେ । ଏ ହି ପିପିଟି ପ୍ରେଜେଣ୍ଟେସନ୍ ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଦ୍ୱାରା ହିଁ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ଭବ ବୋଲି ମତପ୍ରକାଶ କରିଥିଲେ । ଏହି ମର୍ମରେ ରାଜ୍ୟ ସ୍ତରରୁ ଆରମ୍ଭ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ସମସ୍ତ ପ୍ରବର୍ତନ ସଂସ୍ଥାମାନେ ସମନ୍ୱୟ ମାଧ୍ୟମରେ ହିଁ ରାଜ୍ୟରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ ରୂପେ ପରିଚାଳନା କରିବାରେ ସର୍ବଥା ଚେଷ୍ଟିତ ରହିବାକୁ ସେ ପ୍ରେରିତ କରିଥିଲେ । ବୈଠକରେ ଉପସ୍ଥାପିତ ତଥ୍ୟ ଅନୁସାରେ ସାଧାରଣ ନିର୍ବାଚନ-୨୦୨୪ରେ ୨୦.୮ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଥିବାବେଳେ ସାଧାରଣ ନିର୍ବାଚନ-୨୦୧୯ରେ ୪୪.୦୭ କୋଟି ଟଙ୍କାର ସମଗ୍ରୀ ଜବତ ହୋଇଥିଲା । କିନ୍ତୁ ସାଧାରଣ ନିର୍ବାଚନ-୨୦୨୪ରେ ସମସ୍ତ ସଂସ୍ଥା ମିଶି ଜାନୁଆରୀ ୧ରୁ ଫେବୃଆରୀ ୨୯ ମଧ୍ୟରେ ୭୬.୪୦ କୋଟି ଓ ମାର୍ଚ୍ଚ ୧ରୁ ଅପ୍ରେଲ ୨୨ ପର୍ଯ୍ୟନ୍ତ ୧୩୬.୯୪ କୋଟି ଟଙ୍କାର ସାମଗ୍ରୀ ଜବତ କରିସାରିଛନ୍ତି । ପ୍ରବର୍ତନ ସଂସ୍ଥାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ‘ଜିରୋ ଟଲରାନ୍ସ ଆପ୍ରୋଚ୍’ ସହ ଅର୍ଥବଳ, ମାଦକ ଦ୍ରବ୍ୟ ଓ ଲୋଭନୀୟ ବସ୍ତୁର ପ୍ରଭାବକୁ ପ୍ରତିହତ କରି ରାଜ୍ୟରେ ମୁକ୍ତ, ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ବୈଠକ ଶେଷରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱର ମହାନଗର ନିଗମ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫/୪ (ନି.ପ୍ର): ଆମ ନୀତି ଓ କାର୍ଯ୍ୟଧାରାରେ ପରିବର୍ତନ ଆଣିବା ସହ ସମାଜର ସାମଗ୍ରୀକ ବିକାଶ ପାଇଁ ଉପଯୁକ୍ତ ନେତା ନିର୍ବାଚିତ କରିବାକୁ ହେଲେ ସମସ୍ତ ଭୋଟର ମତଦାନ କରିବା ଦରକାର । ଏହା ଦ୍ୱାରା ଗଣତନ୍ତ୍ର ସୁଦୃଢ ହେବ ଏବଂ ଦେଶର ବିକାଶ ଦୃତଗତିରେ ହେବ । ରାଜଧାନୀରେ ଅଧିକ ଶିକ୍ଷିତ ଲୋକ ବସବାସ କରୁଥିଲେ ମଧ ମତଦାନ ହାର ରାଜ୍ୟର ଅନାନ୍ୟ ଅଂଚଳ ଅପେକ୍ଷା ସର୍ବନିମ୍ନ ହେଉଛି ଭୁବନେଶ୍ୱରରେ । ତେଣୁ ଭୋଟରମାନେ ଯେପରି ମତଦାନ କେନ୍ଦ୍ରକୁ ଯାଇ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ସେଥିପାଇଁ ଯୁବ ଭୋଟରମାନେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରର ଅଧିକାଂଶ ବୁଥରେ ରହିବେ ମହିଳା ଅଧିକାରୀ । ଏହା ଆମ ରାଜ୍ୟ ପାଇଁ ଉଦାହରଣ । ବୁଥ୍ ଲୋକେସନ୍ ଜାଣିବା ନିମନ୍ତେ ହେବ ସ୍ୱତନ୍ତ୍ର ଆପ୍ । ସଂପୃକ୍ତ ବୁଥରେ ଏକ ସମୟରେ କେତେ ଭିଡ ଅଛି ତାହା ମଧ ଆପ୍ ମାଧ୍ୟମରେ ଜାଣି ହେବ । ଭୋଟ୍ ହାର ବଢ଼ାଇବାର ପ୍ରମୁଖ ଭମିକା ରହିଛି ନୂଆଭୋଟର ବିଶେଷ କରି ଛାତ୍ରଛାତ୍ରୀଙ୍କର । ଆମ ରାଜଧାନୀରେ ଏଥର ସର୍ବାଧିକ ମତଦାନ ହେଉ ଏବଂ ସ୍ମାର୍ଟ ନଗରୀର ସ୍ମାର୍ଟ ଭୋଟର ଭାବେ ଆପଣମାନେ ଏହାକୁ କରି ଦେଖାନ୍ତୁ ବୋଲି ଅନୁରୋଧ ଜଣାଇଥିଲେ ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରାଣା । ଶିକ୍ଷିତ ଓ ସରକାରୀ କର୍ମଚାରୀ ନିଶ୍ଚିତ ଭୋଟ ଦେବା ସହ ଅନ୍ୟମାନଙ୍କୁ ମଇ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ନିଜ ନିଜର ମତଦାନ କେନ୍ଦ୍ରରେ ଉପସ୍ଥିତ ରହି ମତାଧିକାର ସାବସ୍ତ୍ୟ କରିବାକୁ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଅନୁରୋଧ କରିଛନ୍ତି । ଆମଦେଶ ଏକ ଗଣତନ୍ତ୍ର ଦେଶ । ଆମ ଦେଶର ଲୋକ ପ୍ରତିନିଧିମାନେ ଆମ ଦେଶକୁ ଚଳାନ୍ତି । ତେଣୁ ଆମ ଦେଶର ଶାସନ ପଦ୍ଧତି ଅନୁସାରେ ନିଜ ଦେଶରେ ବା ଆମ ଅଂଚଳର ପ୍ରତିନିଧି କିପରି ହେବା ଦରକାର ତାହା ବିଚାର କରିବା ଏବଂ ସେଥିପାଇଁ ନିଜର ମତ ଦେବାର ସୁଯୋଗ ଆମ ସମ୍ବିଧାନ ଦେଇଛି । ତେଣୁ ଏହି ଅଧିକାରର ଉପଯୋଗ କରି ଗଣତନ୍ତ୍ରର ଏହି ବିଶାଳ ପର୍ବରେ ସମସ୍ତେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ କମିଶନର । ଭୁବନେଶ୍ୱରରେ ଭୋଟଦାନ ସ୍ଥିତି କମ୍ ରହିଛି । ପ୍ରାୟ ୪୩ % ଭୋଟର ଭୋଟ ଦେଉଥିବାବେଳେ, ପାଖାପାଖି ୩ ଲକ୍ଷ ୪୦ ହଜାର ଭୋଟର ଅନ୍ୟ ବଳକା ଭୋଟରଙ୍କ ପାଇଁ ଲୋକ ପ୍ରତିନିଧି ବାଛିବା ପାଇଁ ମତ ଦେଉଛନ୍ତି । ଏହାର ଅର୍ଥ ଅନ୍ୟମାନେ ନିଜ ମତଦାନ ଅଧିକାର କରୁ ନାହାନ୍ତି । ତେବେ ଏହି ହାର ବଢ଼ିବା ଆବଶ୍ୟକ । ଆମ ଗହଣରେ ଯେଉଁ ନୂଆ ଭୋଟର ଅଛନ୍ତି, ସେମାନେ ଭୋଟ ଦିଅନ୍ତୁ ଏବଂ ନିଜର ଗଣତାନ୍ତ୍ରିକ ବିପ୍ଳବ ସୃଷ୍ଟି କରନ୍ତୁ । ଏହି ସଚେତନତା ସମସ୍ତଙ୍କୁ ଛୁଇଁବା ଆବଶ୍ୟକ । ଏଥିରେ ଗଣମାଧ୍ୟମର ସହେଯୋଗ ଆଶା କରିଥିଲେ କମିଶନର । ନାଗରିକ ଭାବେ ସମାଜପ୍ରତି ଆମର କର୍ତବ୍ୟ ନିର୍ବାହ କରିବା ଆପଣମାନଙ୍କ ଭଳି ଛାତ୍ରୀମାନେ ଆଗେଇ ଆସନ୍ତୁ ବୋଲି କହିଥିଲେ କମିଶନର । ଭୁବନେଶ୍ୱର ମହାନଗର ନିଗମ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ରମାଦେବୀ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାରିଶହରୁ ଉଦ୍ଧ୍ୱର୍ ଅଂଶ ଗ୍ରହଣକାରୀ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥିଭାବେ ବିଏମ୍ସି କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲ୍ଲପାଳ ଚଞ୍ଚଳ ରାଣା, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ଚେୟାରମ୍ୟାନ୍ ପିଜି କାଉନସିଲ ପ୍ରଫେସର୍ ଚଣ୍ଡି ଚରଣ ରଥ, ବିଏମ୍ସି ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ଓ ଶ୍ରୀମତୀ ସସ୍ମିତା ସାହୁ, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀମତୀ ଶ୍ୟାମଳି ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଡଃ ବାଦଲ ମହାନ୍ତି, ଉପଜିଲ୍ଲାପାଳ ଚିନ୍ମୟୀ ଆଚାର୍ଯ୍ୟ, ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଏବଂ ଟିମ୍ ବିଏମ୍ସି ଉପସ୍ଥିତ ଥିଲେ । ସମସ୍ତେ ଆସନ୍ତା ମଇ ୨୫ ତାରିଖ ଦିନ ନିଜ ନିଜ ମତଦାନ କେନ୍ଦ୍ରରେ ଭୋଟ ଦେଇ ନିଜର ଅଧିକାର ସାବ୍ୟସ୍ତ କରିବା ସହ ଦେଶ ଗଠନରେ ସକ୍ରିୟ ଭୂମିକା ନିଭାଇବା ପାଇଁ ଉପସ୍ଥିତ ଭୋଟରମାନଙ୍କୁ ଶପଥ ପାଠ କରାଯାଇଥିଲା ।

# ଜାତୀୟସ୍ତରୀୟ ରେଫେରୀ ହେଲେ ମୟୁରଭଞ୍ଜର ଉକ୍ଳମଣି

ବାରିପଦା , ୨୫/୪ (ନି.ପ୍ର): ସର୍ବଭାରତୀୟ ଫୁଟବଲ ଫେଡେରେସନ ଆନୁକୂଲ୍ୟରେ ମଧ୍ୟପ୍ରଦେଶର ଗ୍ୱାଲିୟର ଠାରେ ଅନୁଷ୍ଠିତ ଜାତୀୟ ରେଫେରୀ ପରୀକ୍ଷାରେ ମୟୁରଭଞ୍ଜର ଉକ୍ଳମଣି ବେହେରା କୃତକାର୍ଯ୍ୟ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ଏହି ପରୀକ୍ଷାରେ ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୨୮ ଜଣ ପୁରୁଷ ଓ ମହିଳା କୃତକାର୍ଯ୍ୟ ହୋଇଛନ୍ତି ଓ ଖବର ପାଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ଫୁଟବଲ ସମ୍ପାଦକ ଅମର କୁମାର ସେଠିଙ୍କ ସମେତ ସମସ୍ତ



ସହ ସମ୍ପାଦକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଫୁଟବଲ ପ୍ରେମୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଓ ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକ ସ୍ଥିତ ଶରଣଗଡ଼ ଗ୍ରାମର ପାଣ୍ଡୁଚରଣ ବେହେରା ଓ କୁନି ବେହେରାଙ୍କ ତୃତୀୟ ସନ୍ତାନ ଉକ୍ଳମଣି ପାହାଡଭଙ୍ଗା ସ୍ଥିତ ସାଇରାମ ଉଚ୍ଚ ବିଦ୍ୟାଳୟ ଏବଂ କରଞ୍ଜିଆ କଲେଜରୁ ଶିକ୍ଷାଲାଭ କରିଥିଲେ ଓ ଖବର ପାଇ ଉକ୍ତ ଅଂଚଳ ମାନଙ୍କରେ ମଧ ଖୁସିର ଲହରୀ ଖେଳିଯାଇଛି ଓ ପ୍ରକାଶ ଥାଉକି ଶ୍ରୀ ବେହେରା ୨୦୧୫ ମସିହାରେ ଜିଲ୍ଲା ସ୍ତରରେ ରେଫେରୀ ଭାବେ କାର୍ଯ୍ୟ ଆରମ୍ଭ କରି ୨୦୧୭ ମସିହାରେ ରାଜ୍ୟ ସ୍ତରୀୟ ଏବଂ ୨୦୨୪ ମସିହାରେ ଜାତୀୟ ସ୍ତରୀୟ ରେଫେରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓ ବର୍ତ୍ତମାନ ସେ ମୟୁରଭଞ୍ଜ ରେଫେରୀ ସଂଘର ସାଧାରଣ ସମ୍ପାଦକ ଥିବାବେଳେ କେନ୍ଦୁଝର ଜିଲ୍ଲାର ବଡ଼ବିଲ ସ୍ଥିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲରେ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ।

# ସଂସ୍କୃତ ବିଶ୍ୱବିଦ୍ୟାଳୟ ବାମପଟେ ଅଳିଆଗଦା

ପୁରୀ, ୨୫/୪ (ନି.ପ୍ର): ସକାଳୁ ନଉଠିବା ପୂର୍ବରୁ ଅଳିଆ ଗାଡିରୁ ସ୍ୱର ଛୁଟି ଆସୁଛି । ପବିତ୍ର ପୁରୀ ଗର୍ବ ଆମରି । ବଡଦାଣ୍ଡ ସମେତ ସାହି ଗଳି କନ୍ଦିରେ ଅଳିଆ ଯେପରି ପବିତ୍ର ଭୂମିକୁ ସ୍ପର୍ଶ କରିନପାରିବ ସେଥିପାଇଁ କାର୍ଯ୍ୟକ୍ରମ ଚାଲୁ ରହିଛି । ପୂର୍ବରୁ ଥିବା ସଦାଶିବ ସଂସ୍କୃତ ଟୋଲ ଏବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନାମରେ ପରିଚିତ। ପାଠଶାଳା ନିର୍ମାଣ ସମୟରେ ପ୍ରବେଶ ପଥ ଶ୍ରୀମନ୍ଦିର ଆଡକୁ ଗେଟ ରହିଥିଲା । ଯାହା ଧାର୍ମିକ ଦୃଷ୍ଟି କୋଣରୁ ମହତ୍ୱ ବହନ କରିଥିଲା । ଏବେ ସେହି ବିଶ୍ୱବିଦ୍ୟାଳୟଟି ଶ୍ରୀମନ୍ଦିର ସିଂହଦ୍ୱାର ପଟକୁ ପଛ କରି ପୂର୍ବ ପଟକୁ ମୁଖ୍ୟ ପ୍ରବେଶ ପଥ ଖୋଲାଯାଇଛି। ସାରା ଭାରତ ବର୍ଷରେ ଶହ ଶହ ବିଦ୍ୟାର୍ଥୀ ଏହି କଲେଜରେ ପଢୁଛନ୍ତି । କଲେଜର ବାମ ପାର୍ଶ୍ୱରେ ପ୍ରତି ଦିନ ଟ୍ରକ ଟ୍ରକ ଅଳିଆ ଗଦା ହେଉଛି । ବିଦ୍ୟାର୍ଥୀ ମାନେ ସେହି ପଟେ ଚାଲିକରି ଯିବା ସମୟରେ ପୋଚା ଗନ୍ଧରେ ଅଣନିଶ୍ୱାସୀ ହୋଇପଡୁଛନ୍ତି । କଲେଜର ତିନିପଟେ ପାଚେରିରେ ରଙ୍ଗ ସହ ବିଭିନ୍ନ ଚିତ୍ର ଅଙ୍କନ କରାଯାଇଛି। କିଛି ଦିନ ତଳେ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଚଟି ବହି ଉପରେ ବିଶ୍ୱସ୍ତରୀୟ ଆଲୋଚନାଚକ୍ର କରାଯାଇ ମା ଲକ୍ଷ୍ମୀଙ୍କ ସ୍ୱଚ୍ଛତା ସମ୍ପର୍କରେ ଜନତାଙ୍କୁ ଅବଗତ କରାଇଥିଲେ । ଏଥିପାଇଁ ଆନୁମାନିକ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏବେ କିଛିଦିନ ହେଲାଣି ଅଳିଆ ଓ କୁକୁର ମଳ ସଫାକରି ତାହାକୁ ଅଳିଆ ଗଦାରେ ଜମା କରିବା ପରେ ଖାଲି ଠେଲା ଗାଡି ଗୁଡିକ କଲେଜର କାନ୍ଥକୁ ଲଗାଇ ରଖାଯାଉଛି । ଯାହା କଲେଜର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି ।

# ନିଶ୍ଚିତ ମତଦାନ ପାଇଁ ସୁଇପ କାର୍ଯ୍ୟକ୍ରମ

ପୁରୀ, ୨୫/୪ (ନି.ପ୍ର): ଆଗାମୀ ନିର୍ବାଚନ ରେ ସମସ୍ତ ଭୋଟର ମାନେ ନିଶ୍ଚିତ ମତଦାନ କରିବାକୁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଆମ ଦେଶ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର।ନିର୍ବାଚନ ଗଣତନ୍ତ୍ର ର ମହାପର୍ବ।ଏହି ମହାପର୍ବ ରେ ପ୍ରତ୍ୟେକ ଭୋଟର ସାମିଲ ହୋଇ ନିଜର ବିବେକାନୁମୋଦିତ ମୂଲ୍ୟବାନ ଭୋଟ କୁ ସାବ୍ୟସ୍ତ କରିବାକୁ ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଅନୁରୋଧ କରିଛନ୍ତି। ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର ନିକଟରୁ ବ୍ଲୁ ଫ୍ଲାଗ ବିଚ ପର୍ଯ୍ୟନ୍ତ ସିଷ୍ଟେମେଟିକ ଭୋଟରସ ଏଡୁକେସନ ଆଣ୍ଡ ଇଲେକ୍ଟରସ ପାର୍ଟିସିପେସନ ପ୍ରୋଗ୍ରାମ ବା ସୁଇପ ମାଧ୍ୟମରେ ମତଦାନ ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଉପଜିଲ୍ଲାପାଳ ଶ୍ରୀ କୁଅଁର ଉଦଘାଟନ କରିବା ସହ ନିଜେ ସାଇକେଲରେ ବ୍ଲୁ ଫ୍ଲାଗ ବିଚ ପର୍ଯ୍ୟନ୍ତ ଯାଇଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ନିଶ୍ଚିତ ମତଦାନ ପାଇଁ ଅନୁରୋଧ ପତ୍ରଥିବା ପ୍ଲାକାର୍ଡ ମାନ ଧରି ଶୋଭାଯାତ୍ରାରେ ଯାଇଥିଲେ। ନୂତନ ଯୁବ ମତଦାତା ମାନେ ସେମାନଙ୍କ ପ୍ରଥମ ମତଦାନକୁ ଅତ୍ୟନ୍ତ ସ୍ମରଣୀୟ କରିବା ପାଇଁ ନିଶ୍ଚିତ ମତଦାନ କରିବାକୁ ଯୁବ ଭୋଟର ମାନଙ୍କୁ ଏହି ଅବସରରେ ଅନୁରୋଧ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଟିଆରଓ ସ୍ମରଣିକା ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ନିର୍ବାଚନ ରେ ନିୟୋଜିତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସଖିବଟ ମହାଯଜ୍ଞ ଉଦ୍‌ଯାପିତ: ପୂର୍ଣ୍ଣାହୁତିରେ ଯୋଗଦେଲେ ଦଶ ହଜାର ଶ୍ରଦ୍ଧାଳୁ

କେନ୍ଦ୍ରାପଡ଼ା, ୨୫/୪ (ନି.ପ୍ର): ଓଡିଶା ସରକାରଙ୍କ ଅନ୍ୟତମ ଧାର୍ମିକ ପର୍ଯ୍ୟଟନସ୍ଥଳୀ ତୁଳସୀକ୍ଷେତ୍ରର ପ୍ରାଚୀନ ପୀଠ ଗୁପ୍ତ କ୍ଷେତ୍ର ସଖିବଟରେ ଦ୍ୱାବିଂଶତିତମ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୂର୍ଣ୍ଣାହୁତି, ନାମଯଜ୍ଞ ଓ ହରିହାଟରେ ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରଭୁ ଶ୍ରୀ ବଳଦେବଙ୍କ କୃପାଲାଭ କରିଛନ୍ତି। ବିଳବଳରାମପୁରସ୍ଥିତ ସଖୀ ବଟରେ ଗତ ଶ୍ରୀରାମ ନବମୀରୁ ଆରମ୍ଭ ହୋଇଥିବା ଯଜ୍ଞରେ ପ୍ରତିଦିନ ଯଜ୍ଞପୁରୋହିତଙ୍କ ଦ୍ୱାରା ବିଧିମତେ ବିହିତକର୍ମ ସହିତ ସନ୍ଧ୍ୟାରେ ଦିବ୍ୟ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶେଷଦିନ ଉଦଯାପନୀ ସନ୍ଧ୍ୟାରେ ଜଳସମ୍ପଦ ବିଭାଗର ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ଇଂ ଶତ୍ରୁଘ୍ନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଂସ୍କୃତ ବିଶାରଦ ତଥା ଦିବ୍ୟ ଜୀବନ ସଂଘର ଉପାଧ୍ୟକ୍ଷ ଡଃ କାଳିପ୍ରସନ୍ନ ଶତପଥୀ ଯୋଗଦେଇ ଆଧ୍ୟାତ୍ମିକ ଜ୍ଞାନର ପରିପ୍ରସାରରେ ଶ୍ରୀ ବଳଦେବ ସଂସ୍କୃତିର ପ୍ରସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା,ଶିଳ୍ପ ଉଦ୍ୟୋଗୀ ସୁଧାଂଶୁ ଦାସ, ଯଜ୍ଞ କମିଟିର ଉପଦେଷ୍ଟା ପ୍ରମୋଦ ରଥ ଓ ରଶ୍ମିରଂଜନ ରାଉତ ଯୋଗଦେଇଥିଲେ।ସଖିବଟ ମହାପୁରୁଷ ଟ୍ରଷ୍ଟ ବୋର୍ଡ ଓ ଯଜ୍ଞ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ମୁଖ୍ୟ ସଂଯୋଜକ ଇଂ ତୀର୍ଥବାସୀ ପଣ୍ଡା ଅଧକ୍ଷତା କରିଥିବାବେଳେ ଟ୍ରଷ୍ଟ ବୋର୍ଡ ସଭ୍ୟ ଇଂ ଅକ୍ଷୟ କୁମାର ପାଣି ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଦମନ କୁମାର ମହାନ୍ତିଙ୍କୁ ସଖିବଟ ଶ୍ରେଷ୍ଠ ସେବା ସମ୍ମାନ, ଭଗବାନ ପତ୍ରୀଙ୍କୁ ଶ୍ରେଷ୍ଠ ଶିକ୍ଷା ସମ୍ମାନ, ଶରତ କୁମାର ପତିଙ୍କୁ ଆଦିଭାଷା ସମ୍ମାନ, ଚକ୍ରଧର ବିଶ୍ୱାଳଙ୍କୁ ଶ୍ରେଷ୍ଠ କୃଷକ ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱତନ୍ତ୍ରଭାବେ ପ୍ରସ୍ତର ଓ ମୃତ୍ତିକାଶିଳ୍ପୀ ସୁନୀଲ କୁମାର ବେହେରା, ସତ୍ୟବ୍ରତ ବେହେରା ଓ ସରୋଜକାନ୍ତ ବେହେରାଙ୍କୁ ଶ୍ରେଷ୍ଠ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ବୋର୍ଡ ସଦସ୍ୟ ଅଭୟ ପତ୍ରୀ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା, କଟକର ଲୋକପ୍ରିୟ କଣ୍ଠଶିଳ୍ପୀ ମାନସୀ ପାତ୍ର ଓ ସାଥୀଙ୍କ ଦ୍ୱାରା ଚିତ୍ତାକର୍ଷକ ଭଜନ ପରିବେଷଣ କରାଯାଇଥିଲା। ପୂର୍ଣ୍ଣାହୁତି ଅବସରରେ ଟ୍ରଷ୍ଟବୋର୍ଡ ସଭାପତି ତଥା ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ କୁମାର ପରିଜା, କୁଦାନଗରୀ ଥାନାଧିକାରିଣୀ ତଥା ଟ୍ରଷ୍ଟବୋର୍ଡସଭ୍ୟା ଅମ୍ବିକା ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ସ୍ମରଣିକା ମୁକ୍ତଗାଥା ସଂଗ୍ରହ କରିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଆଗ୍ରହ ପ୍ରକାଶ ପାଇଥିଲା। ଯଜ୍ଞରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କ ସମେତ କବି କଳ୍ପନା ମଲ୍ଲିକ ଓ ଅନ୍ୟାନ୍ୟ ରାଜନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦଶ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ କରିବାକୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ବୈଷ୍ଣବ ସ୍ୱାଇଁ,ଦୀନବନ୍ଧୁ ସ୍ୱାଇଁ, ସମୀର ବିଶ୍ୱାଳ,ନରେନ୍ଦ୍ର ତ୍ରିପାଠୀ,ଡଃ ପ୍ରଫୁଲ୍ଲ ସାମଲ, ନୃସିଂହ ପଣ୍ଡା, ଉମାକାନ୍ତ ସାହାଣୀ, ବନମାଳୀ ଜେନା, ମନୋରଞ୍ଜନ ଷଡ଼ଙ୍ଗୀ, ଅଜୟ ସ୍ୱାଇଁ, ଶୈଳେନ୍ଦ୍ର ପ୍ରଧାନ, ଉମାକାନ୍ତ ଜେନା, ସୁକାନ୍ତ କୁମାର ପରିଡା, କ୍ଷୀରୋଦ ସାହୁ ପ୍ରମୁଖ ସହାୟତା କରିଥିଲେ।

# ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ କର୍ତ୍ତା ଚୟନ ଓ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୫/୪ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଡିମିରିମୁଣ୍ଡା ପଂଚାୟତ ତଥା ତତ୍କାଳୀନ ବାମଣ୍ଡା ରାଜ୍ୟର ସର୍ବ ପୁରାତନ ଶୈବ ପୀଠ ଶଗଡ଼େଶ୍ୱର ବାବାଙ୍କ ଦଶମ ବାର୍ଷିକ ଶୀତଳଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୃପଲାଲ ପଲେଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସ୍ଥାନୀୟ ଭକ୍ତବୃନ୍ଦ ତଥା ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ସର୍ବସମ୍ମତି କ୍ରମେ ମା’ ପାର୍ବତୀଙ୍କ ପିତାମାତା ଭାବେ କୁଚିଣ୍ଡା ଅଂଚଳର ରଞ୍ଜିତ ପଟେଲ ଓ ତାଙ୍କ ଧର୍ମପତ୍ନୀ ସବିତା ପଟେଲ ଏବଂ ବାବା ମହାଦେବଙ୍କ ପିତା ମାତା ଭାବେ ଡିମିରିମୁଣ୍ଡ ଅଂଚଳର ତଥା ସ୍ଥାନୀୟ ସରପଂଚ ପ୍ରହଲ୍ଲାଦ ଧୁରୁଆ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତି ମଞ୍ଜରୀ ଧୁରୁଆଙ୍କୁ କର୍ତ୍ତା ଭାବେ ଅନୁମୋଦନ କରାଯାଇଛି। ଚଳିତ ବର୍ଷ ଯାତ୍ରା ଆୟୋଜନରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଶଗଡ଼େଶ୍ୱର ମନ୍ଦିରକୁ କୈଳାଶ ଓ ଉକ୍ତ ମନ୍ଦିର ପରିସରରେ ଥିବା ମା’ ଭୈରବୀଙ୍କ ମନ୍ଦିରକୁ ହିମାଳୟ ଭାବରେ ପରିକଳ୍ପନା କରାଯାଇ ଏହି ମନ୍ଦିର ପରିସରରେ ଶିବପାର୍ବତୀ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବାକୁ ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତି ନିଆଯାଇଥିଲା। ଯାତ୍ରା ସଂଯୋଜକ ମଳୟ ବେହେରା ଆଗାମୀ ଜୁନ୍ ୧୦ ଓ ୧୧ ଦୁଇଦିନ ଧରି ପାଳିତ ହେବାକୁ ଥିବା ଯାତ୍ରା ଓ ମହୋତ୍ସବକୁ ଭବ୍ୟ ଓ ଜାକ ଜମକରେ କରାଇବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ମନ୍ଦିର ପରିଚାଳନା ସଭାପତି ରୁଦ୍ରନାରାୟଣ ବେହେରା, ସଂପାଦକ ସୁମନ୍ତ ବେହେରା କୋଷାଧକ୍ଷ ରତନଲାଲ ସିଂ, ପୂଜକ ନିତ୍ୟାନନ୍ଦ ମିଶ୍ରଙ୍କ ସମେତ ଅଂଚଳର ବହୁ ବରିଷ୍ଠ ବ୍ୟକ୍ତି, କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

# ଜିଲ୍ଲାରେ ସାଧାରଣ ନିର୍ବାଚନ ସରଳ ଓ ତୃଟିଶୂନ୍ୟ କରିବା ନିମନ୍ତେ ସେକ୍ଟର ଅଧିକାରୀମାନଙ୍କ ସମୀକ୍ଷା ବୈଠକ

ବଲାଙ୍ଗୀର, ୨୫/୪ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନକୁ ସରଳ ଓ ତୃଟିଶୂନ୍ୟ କରିବା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଧିକାରୀମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟାରେ ନିଯୁକ୍ତ ସେକ୍ଟର ଅଧିକାରୀମାନେ ଭୀମଭୋଇ ମେଡ଼ିକାଲ କଲେଜ ଅଡିଟୋରିମରେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସମସ୍ତ ସେକ୍ଟର ଅଧିକାରୀଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଥିଲେ। ରିଟର୍ନିଂ ଅଧିକାରୀ ଏବଂ ପ୍ରିଜାଡିଙ୍ଗ ଅଧିକାରୀଙ୍କ ମଧ୍ୟରେ ସେମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥାନ୍ତି। ପୋଲିଙ୍ଗ ଅଧିକାରୀ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା ନିଜ ନିଜ ଦାୟିତ୍ୱ କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ସେକ୍ଟର ଅଧିକାରୀମାନେ ସମ୍ବେଦନଶୀଳ ହେବାକୁ କହିଥିଲେ। ପୋଲିଙ୍ଗ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ପ୍ରଦର୍ଶନ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥ୍‌ରେ କେଉଁ ଅଧିକାରୀଙ୍କ କ’ଣ କ’ଣ କାର୍ଯ୍ୟ ତାହା ଉପରେ ଧ୍ୟାନ ଦେବାକୁ କହିଥିଲେ। ଭୋଟ୍ ଗ୍ରହଣ ଦିନ ଶାନ୍ତି ଶୃଙ୍ଖଳା ସହ ଭୋଟ ଦାନ ପ୍ରକ୍ରିୟା କିପରି ହେବ, ସେକ୍ଟର ଅଧିକାରୀଙ୍କ କିପରି ଯୋଗାଯୋଗ ରଖି ସୂଚନା ଦେବେ ସେ ବାବଦରେ ଆଲୋଚନା କରିଥିଲେ। ଏଥିସହିତ ଜିଲ୍ଲାପାଳ ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପ୍ରିଜାଡିଙ୍ଗ/ପୋଲିଙ୍ଗ ଅଧିକାରୀଙ୍କୁ ସୁବିଧା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ଶାରୀରିକ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କହିଥିଲେ। ନିର୍ବାଚନ ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟାପକ ଔଷଧ, ଆମ୍ବୁଲାନ୍ସ ଓ ଜରୁରୀ ସେବାସହ ଡାକ୍ତରମାନେ ଉପସ୍ଥିତ ରହିବେ ବୋଲି ମଧ ସେ ସୂଚନା ଦେଇଥିଲେ। ସେହିପରି କୌଣସି ଅସୁବିଧା ହେଲେ ତୁରନ୍ତ ସମ୍ପୃକ୍ତ ଅଧିକାରୀ ଉପରିସ୍ଥ ଅଧିକାରୀମାନଙ୍କୁ ଜଣେଇବା ସହ ସମାଧାନ କରିବାକୁ ଆବଶ୍ୟକ ପଦକ୍ଷେପ ନେବେ। ହୋମ ଭୋଟିଂ, ଭୋଟିଂ ଗୃହ, ପ୍ରିଜାଡିଙ୍ଗ/ପୋଲିଙ୍ଗ ଅଧିକାରୀଙ୍କ ରହିବା ସୁବିଧା ଆଦିକୁ ବିଶେଷ ଧ୍ୟାନ ଦେବାସହ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ, ସାଇନେଜ ଆଦି ସମସ୍ତ ବୁଥ୍‌କୁ ଗ୍ରସ୍ତକରି ଦେଖିବାକୁ ନିର୍ଦ୍ଦେଶ ଦେଇଥିଲେ।

# ପୁରୀରେ ପହଂଚିଲା ଦ୍ୱିତୀୟ ପର୍ଯ୍ୟାୟ ରଥକାଠ

ପୁରୀ, ୨୫/୪ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ପହଂଚିଛି ଦ୍ୱିତୀୟ ପର୍ଯ୍ୟାୟ ରଥକାଠ । ନୟାଗଡ଼ ବନଖଣ୍ଡରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୫ ଖଣ୍ଡ ୪୦ ଫୁଟିଆ ରଥକାଠ ପହଂଚିଛି ବଡ଼ଦାଣ୍ଡରେ । ତନ୍ମଧ୍ୟରୁ ୨୩ଟି ଅସନ ଏବଂ ୨ଟି ଧଉରା କାଠ ରହିଛି । ତିନି ରଥ ପାଇଁ ମୋଟ୍ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ଗତ ବର୍ଷ ୫୩ ଖଣ୍ଡ କାଠ ବଳିଥିବାରୁ ଚଳିତ ବର୍ଷ ପାଇଁ ୮୧୨ ଖଣ୍ଡ କାଠ ଆବଶ୍ୟକ ରହିଛି । ତେବେ ୩୩ ଖଣ୍ଡ କାଠ ରାମନବମୀରେ କଟକ ଖପୁରିଆ ସ୍ଥିତ କରତକଳକୁ ଚିରଟ ପାଇଁ ପଠାଯାଇଛି । ବର୍ତ୍ତମାନ ସୁଦ୍ଧା ୨ଟି ପର୍ଯ୍ୟାୟରେ ୧୨୭ ଖଣ୍ଡ ରଥକାଠ ପୁରୀରେ ଆସି ପହଂଚିଛି । ବିଭିନ୍ନ ପର୍ଯ୍ୟାୟରେ ଆହୁରି ରଥକାଠ ପୁରୀରେ ପହଂଚିବ । ଏଠାରେ ଉଲ୍ଲେଖଯୋଗ୍ୟ, ଜୁଲାଇ ୭ରେ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ଜୁଲାଇ ୧୫ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନବୀନଙ୍କ ଉପରେ .....

କଟାକ୍ଷ କରି ଶ୍ରୀ ଶାହ କହିଛନ୍ତି ଯେ, ପର୍ଯ୍ୟଟନର ବିକାଶ ନାଁରେ ପୁରୀ ଶ୍ରୀଜଗନ୍ନାଥ ପୀଠର ଗୌରବକୁ ନଷ୍ଟ କରାଯାଇଛି । ବିଜେପି ଏଠାରେ ସରକାରକୁ ଆସିଲେ କାଶୀବିଶ୍ୱନାଥ ଭଳି ପୁରୀର ବିକାଶ କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରାଯିବ । ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ସ୍ଥାପନ କାର୍ଯ୍ୟକ୍ରମରୁ ଲୋକଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ନବୀନ ପଟ୍ଟନାୟକ ସରକାର ଉଦ୍ୟମ କରିଥିଲେ । କିନ୍ତୁ ଓଡ଼ିଶାବାସୀ ରାମମନ୍ଦିର ଉତ୍ସବକୁ ପାଳନ କରିଥିଲେ ବୋଲି ଶ୍ରୀ ଶାହା କହିଛନ୍ତି । ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ୍ କରି କହିଛନ୍ତି ଯେ, ଯିଏ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିଠୁ ଦୂରେଇ ରହୁଛନ୍ତି, ସେ କଦାପି ପ୍ରଦେଶକୁ ଆଗେଇ ନେଇପାରିବେ ନାହିଁ । ଏ ସରକାର ଓଡ଼ିଶାକୁ ବିକାଶରୁ ବଂଚିତ କରିଛି ଓ ଅଫିସରମାନଙ୍କ ମାଧ୍ୟମରେ ଭୟଙ୍କର ଭ୍ରଷ୍ଟାଚାର କରିଛି । ବିକାଶର ପ୍ରଚୁର ସମ୍ଭାବନା ଓଡ଼ିଶାରେ ରହିଛି । ଓଡ଼ିଶାରେ ଖଣିଜ ସମ୍ପଦ ସବୁଠୁ ବେଶୀ ଅଛି, କିନ୍ତୁ ଦାରିଦ୍ର୍ୟ ବି ଓଡ଼ିଶାରେ ସବୁଠୁ ଅଧିକ । ଏଠାରେ ଖଣିଜ ସମ୍ପଦ ଲୁଟ୍ ଚାଲିଛି । ବିଜେପି ସରକାର ଗଢ଼ିଲେ ସେହି ଖଣିଜ ସମ୍ପଦର ସୁବିନିଯୋଗ କରି ଆଦିବାସୀମାନଙ୍କ କଲ୍ୟାଣ କରିବ । ଓଡ଼ିଶାରେ ସର୍ବାଧିକ ଖଣିଜ ସମ୍ପଦ ରହିଛି କିନ୍ତୁ ଏଠାରେ ସମୃଦ୍ଧି ଆସିପାରିନି ବୋଲି ସେ କହିଛନ୍ତି । ଓଡ଼ିଶାର ଯୁବକମାନେ ରୋଜଗାର ପାଇଁ ଗୁଜୁରାଟ, ମୁମ୍ବାଇ, ପଞ୍ଜାବ, ଦିଲ୍ଲୀ ଆଦି ରାଜ୍ୟକୁ ଯାଉଛନ୍ତି । ବିଜେପି ସରକାର ଗଢ଼ିଲେ କାହାରିକୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ । ଯେଉଁ ରାଜ୍ୟରେ ବିଜେପିର ସରକାର ଅଛି, ସେଠାରେ ଡବଲ ଇଞ୍ଜିନ ସରକାର ମିଳିତ ଭାବେ ବିକାଶକୁ ଗତିଶୀଳ କରାଇପାରିଛି । ଓଡ଼ିଶାର ଯୁବବର୍ଗଙ୍କ ବିଶ୍ୱସ୍ତରୀୟ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତ କରିବା, ପ୍ରମୁଖ କମ୍ପାନୀକୁ ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶାକୁ ଆଣିବା, ସବୁ ଘରକୁ ପାଇପ ଯୋଗେ ପାନୀୟ ଜଳ, ସବୁ ଜମିକୁ ଜଳସେଚନ ସୁବିଧା ଆଦି କରିବା ଉପରେ ବିଜେପି ସରକାର ଗୁରୁତ୍ୱ ଦେବ । ଶ୍ରୀ ଶାହା ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କୁ ୨୫ବର୍ଷ ଶାସନ କରିବାର ସୁଯୋଗ ଦେଇଛନ୍ତି । ବିଜେପିକୁ ମାତ୍ର ୫ବର୍ଷ ସୁଯୋଗ ଦେଲେ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରାଯିବ। ବିଜେପି ସରକାର ଆସିଲେ ସୋନପୁର ଅଂଚଳରେ କପା ଚାଷୀଙ୍କ ପାଇଁ ଟେକ୍ସଟାଇଲ ମିଲ୍ ସ୍ଥାପନ, ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ ଫିସରିଜ୍ କଲେଜ, ଆଗ୍ରୋ ଉଦ୍ୟୋଗ ଓ ଆୟୁର୍ବେଦିକ ଔଷଧ ନିର୍ମାଣକାରୀ କାରଖାନା ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଶାକୁ ବିଗତ ୧୦ବର୍ଷ ମଧ୍ୟରେ ମୋଦି ସରକାର ୪.୮୧ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି । ଭିତ୍ତିଭୂମି ଉନ୍ନୟନ ବାବଦରେ ଦେଢ଼ ଲକ୍ଷ କୋଟି, ରାସ୍ତା ନିର୍ମାଣରେ ୨୩ହଜାର କୋଟି, ରେଳବାଇ ବିକାଶରେ ୬୫ହଜାର କୋଟି ଟଙ୍କା ଦେଇଛନ୍ତି ବୋଲି ଶାହ କହିବା ସହ କେନ୍ଦ୍ର ସରକାର ଯେଉଁ ଅନୁଦାନ ଦେଉଛନ୍ତି ଏଠାରେ ନବୀନ ପଟ୍ଟନାୟକ ତାଙ୍କର ନିଜ ଷ୍ଟାମ୍ପ ମାରି ମିଛ କହୁଛନ୍ତି ।

### ଭୟଙ୍କର ଗ୍ରୀଷ୍ମ....

ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବ। ସେଥିପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, ପୁରୀ, କଟକ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ଗ୍ରୀଷ୍ମ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ରବିବାର ଓ ସୋମବାର ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ,ସୋନପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେହିପରି କେନ୍ଦ୍ରାପଡ଼ା, ଜଗତସିଂହପୁର,ପୁରୀ, ଯାଜପୁର, କଟକ, ନୟାଗଡ଼, ଅନୁଗୋଳ, ଦେବଗଡ଼, କନ୍ଧମାଳ,ରାୟଗଡ଼ା, ବରଗଡ଼, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଯେଉଁଥିପାଇଁ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ସକାଳ ୧୦ଟା ବେଳକୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ସେପଟେ ଦିନର ତାକୁ ବଳି ଯାଉଛି ରାତିର ଗୁଳୁଗୁଳି। ରାତି ପ୍ରବଳ ଗୁଳୁଗୁଳି ହେଉଥିବାରୁ ଅଥୟ କରିଛି ଯନ୍ତ୍ରଣା।

### ବୌଦ୍ଧରେ କମ୍ବିଂ ....

ଯବାନଙ୍କ ଦ୍ୱାରା କମ୍ବିଂ ଅପରେସନ୍ ଆରମ୍ଭ ହୋଇଥିଲା। ଅତର୍କିତ ଭାବେ ଯବାନଙ୍କୁ ଦେଖି ନକ୍ସଲମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଆଖିବୁଜା ଗୁଳିମାଡ଼ ହୋଇଥିଲା। ଏଥିରେ ଦୁଇ ନକ୍ସଲ ନିହତ ହୋଇଥିବା ଖବର ମିଳିଛି। ଏଥିସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୋଳା ବାରୁଦ ସହ ନକ୍ସଲ ସାମଗ୍ରୀ ଜବତ ହୋଇଛି। ଏହି ଘଟଣା ପରେ ପୁରା ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି କରାଯାଇଛି। ଆଗକୁ ନିର୍ବାଚନ ଥିବାରୁ ଏହାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ କମ୍ବିଂକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

### ନିର୍ବାଚନ ଆଚରଣ ବିଧି ଉଲଂଘନ....

ନିର୍ବାଚନ କମିଶନ ବଜେପି ଓ କଂଗ୍ରେସକୁ ଉତର ରଖିବାକୁ କହିଛନ୍ତି, ସେହି ଭାଷଣରେ କ’ଣ ଥିଲା ? କାହିଁକି ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ରାଜସ୍ଥାନରେ ମୋଦୀ ଭାଷଣ ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଏକ ଭାଷଣ ଆଧାରରେ କଂଗ୍ରେସକୁ ଟାର୍ଗେଟ କରିଥିଲେ । ମୋଦୀ କହିଥିଲେ ଯଦି କଂଗ୍ରେସ କ୍ଷମତାକୁ ଆସେ ତାହେଲେ ଦେଶର ସମ୍ପତି ଅନୁପ୍ରବେଶକାରୀ ଓ ଆଉ ଯେଉଁମାନଙ୍କ ଅଧିକ ପିଲା ଅଛନ୍ତି, ସେମାନଙ୍କ ଭିତରେ ବାଂଟିଦେବ । ମୋଦୀ ଏପରି ମନ୍ତବ୍ୟ ଦ୍ୱାରା ଘୃଣା ସୃଷ୍ଟି କରୁଥିବା କଂଗ୍ରେସ ଅଭିଯୋଗ କରିଥିଲା । ସେପଟେ ବିଜେପି ରାହୁଲଙ୍କ ବିରୋଧରେ ଅଭିଯୋଗ କରିଛି ଯେ, ରାହୁଲ ଦେଶରେ ଦାରିଦ୍ର୍ୟ ବଢୁଛି ବୋଲି ମିଛ କଥା କହି ଲୋକଙ୍କୁ ଭ୍ରମିତ କରୁଛନ୍ତି । ଏହାସହ କଂଗ୍ରେସ ନେତା ଉତର ଓ ଦକ୍ଷିଣ ଭାରତ ମଧ୍ୟରେ ବିଭେଦ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି । ଦେଶରେ ଏବେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବାର ଅଛି । ଏପ୍ରିଲ ୧୯ରେ ୧୦୨ ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିବା ବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ । ଜୁନ୍ ୧ରେ ଶେଷ ପର୍ଯ୍ୟାୟ ନିର୍ବାଚନ ଥିବା ବେଳେ ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ ।

### ୟୁପିର ରାଏବରେଲିରୁ ନିର୍ବାଚନ...

ପ୍ରାର୍ଥୀ ହେବାର ଅଧିକ ସମ୍ଭାବନା ରହିଛି । ରାହୁଲ ଗତଥର ମଧ ଦୁଇଟି ଆସନରୁ ଲଢ଼ିଥିଲେ । ୟୁପିର ଆମେଠି ଓ କେରଳର ୱାଏନାଡରୁ ପ୍ରାର୍ଥୀ ହୋଇଥିଲେ ରାହୁଲ । ୱାଏନାଡରୁ ରାହୁଲ ବିଜୟୀ ହୋଇଥିଲେ, ହେଲେ ଆମେଠରେ ବିଜେପିର ସ୍ମୃତି ଇରାନୀଙ୍କ ଠାରୁ ହାରିଯାଇଥିଲେ । ଏଥର ମଧ ରାହୁଲ ୱାଏନାଡରୁ ଲଢୁଛନ୍ତି । ଏହାସହ ପୁଣି ଆମେଠିରୁ ରାହୁଲଙ୍କୁ ପ୍ରାର୍ଥୀ ଘୋଷଣା କରିପାରେ କଂଗ୍ରେସ । ଏପ୍ରିଲ ୨୬ରେ ଆମେଠି ଓ ରାଏବରେଲି ଆସନ ନେଇ କଂଗ୍ରେସ ଘୋଷଣା କରିପାରେ । ଏହି ଦୁଇ ଆସନରେ ମେ ୨୦ରେ ମତଦାନ ହେବ । ୟୁପିରେ ଏଥର ସମାଜବାଦୀ ପାର୍ଟି ସହ ଆସନ ବୁଝାମଣା କରିଛି କଂଗ୍ରେସ । ଏଥିର ୟୁପିରେ କଂଗ୍ରେସ ୧୭ଟି ଆସନରେ ଲଢୁଛି ।

### ମୁଖ୍ୟମନ୍ତ୍ରୀ ଜଗନ....

ରେଡ୍ଡୀ ୫୨୯.୫୦ କୋଟି ଟଙ୍କା ସମ୍ପତ୍ତିର ମାଲିକ। ସେହିପରି ତାଙ୍କ ପତ୍ନୀ ଭାରତୀ ରେଡ୍ଡୀଙ୍କ ପାଖରେ ୧୭୬.୩୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ୨୦୧୯ରେ ମୁଖ୍ୟମନ୍ତ୍ରୀ ହୋଇଥିବା ଜଗନଙ୍କ ସମ୍ପତ୍ତିର ମୂଲ୍ୟ ୫ ବର୍ଷ ମଧ୍ୟରେ ୪୧% ବୃଦ୍ଧି ପାଇଛି। ସେ କେବଳ ୨୦୨୨-୨୩ ଆର୍ଥିକ ବର୍ଷରେ ୫୭.୭୫ କୋଟି ଟଙ୍କା ଆୟ କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନ ବେଳେ ଜଗନଙ୍କ ପାଖରେ ୩୭୫.୨୦ କୋଟି ଟଙ୍କାର ସମ୍ପତ୍ତି ରହିଥିଲା। ଜଗନଙ୍କ ପତ୍ନୀ ଭାରତୀଙ୍କ ପାଖରେ ୬.୪ କେଜିର ସୁନା ଓ ହୀରା ରହିଛି। ଏହାର ବଜାର ମୂଲ୍ୟ ୫.୩୦ କୋଟି ଟଙ୍କା ହେବ। ବିଭିନ୍ନ କମ୍ପାନୀରେ ଜଗନ ଓ ଭାରତୀଙ୍କ ଶେୟାର ରହିଛି। ଉକ୍ତ କମ୍ପାନୀଗୁଡ଼ିକ ହେଲେ, ଭାରତୀ ସିମେଣ୍ଟ, ସରସ୍ୱତୀ ସିମେଣ୍ଟ ଓ ବାଲୁକା ଶକ୍ତି। ଏହାବାଦ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ନାମରେ ୨୬ଟି ଅପରାଧିକ ମାମଲା ରହିଥିବା ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

### ମହୁଆଙ୍କୁ ଆଶ୍ୱସ୍ତି: ମାନହାନୀ ମାମଲା ....

ଏହାକୁ ନେଇ ତାଙ୍କ ବିରୋଧ ଦିଲ୍ଲୀ ହାଇକୋର୍ଟ ମାନହାନୀ ମକଦ୍ଦମା ରୁଜୁ କରିଥିଲେ ଓକିଲ ଅନନ୍ତ ଦେହାଦ୍ରି । ଏବେ ଏହି ମାନହାନୀ ମକଦ୍ଦମାକୁ ଅନନ୍ତ ଫେରାଇ ନେଇଛନ୍ତି। ଗୁରୁବାର ଦିଲ୍ଲୀ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହି ସମୟରେ ଦେହାଦ୍ରିଙ୍କ ଓକିଲ, ଯଦି ମହୁଆ ମିଛ ବୟାନ ନଦେବାକୁ ପ୍ରତିଶ୍ରୁତି ଦିଅନ୍ତି ତେବେ ଏହି ମାମଲାକୁ ଶେଷ କରାଯାଇପାରେ ବୋଲି କହିଥିଲେ। ଏହାପର ଜବାବରେ ମହୁଆଙ୍କ ଓକିଲ କହିଥିଲେ ଯେ, ଆପୋଷ ବୁଝାମଣାରେ ମୁଁ ପଛକୁ ହଟିବାକୁ ପ୍ରସ୍ତୁତ ଅଛି। ଜଷ୍ଟିସ ପ୍ରତୀକ ଜାଲାନ କହିଥିଲେ ଯେ, ଯଦି ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣାରେ ମାମଲା ସମାଧାନ ହୋଇପାରୁଛି ତେବେ ଅଯଥା ନ୍ୟାୟିକ ସମୟ ନଷ୍ଟ କରିବା ଉଚିତ ନୁହେଁ। ଏହାପରେ ଦେହାଦ୍ରି ବନା ସର୍ତ୍ତରେ ମାମଲା ପ୍ରତ୍ୟାହାର କରିବାକୁ ରାଜି ହୋଇ ଯାଇଥିଲେ। କୋର୍ଟ ମଧ ଏହି ମକଦ୍ଦମାକୁ ପ୍ରତ୍ୟହାର କରିବାକୁ ଅନୁମତି ଦେଇଛନ୍ତି। କହିରଖୁ ଯେ, ଗତବର୍ଷ ଟିଏମ୍‌ସିର ପୂର୍ବତନ ସାଂସଦ ମହୁଆ ମୋଇତ୍ରାଙ୍କ ବିରୋଧରେ ସଂସଦରେ ଲାଞ୍ଚ ନେଇ ପ୍ରଶ୍ନ ପଚାରୁଥିବା ଅଭିଯୋଗ ହୋଇଥିଲା। ସେ ବ୍ୟବସାୟୀ ହୀରାନନ୍ଦାନୀଙ୍କ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଦର୍ଶନ ହୀରାନନ୍ଦାନୀଙ୍କୁ ଠାରୁ ଲାଞ୍ଚ ନେଇଥିବା ଅଭିଯୋଗ କରିଥିଲେ ଅନନ୍ତ ଦେହାଦ୍ରି। ଏହା ଡିସେମ୍ବର ୮ ତାରିଖରେ ଲୋକସଭାରୁ ତାଙ୍କୁ ବହିଷ୍କୃତ କରାଯାଇଥିଲା।

### ଆଜି ଦ୍ୱିତୀୟ ପର୍ଯ୍ୟାୟ...

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସମସ୍ତ ରାଜ୍ୟରେ ସୁରକ୍ଷା ବଢ଼ାଇ ଦିଆଯିବା ସହ ମାଓ ଉପଦ୍ରୁତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଫୋକସରେ ରଖାଯାଇଛି। ନିର୍ବାଚନ ପାଇଁ ପୋଲିଂ କର୍ମଚାରୀମାନେ ପୋଲିଂ ଷ୍ଟେସନ ପହଞ୍ଚିବା ଆରମ୍ଭ କରିଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ସେମାନଙ୍କ ପାଇଁ ସବୁ ବ୍ୟବସ୍ଥା କରାଯାଇଛି ।

# ଭୁବନେଶ୍ୱରରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫/୪ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟର ସଚେତନନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରାଣା, ବିଜେବି କଲେଜ ଅଧ୍ୟକ୍ଷା ପ୍ରଫେସର ଇତିଶ୍ରୀ ପାଢୀ, ଆଂଚଳିକ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁମନ ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଭୋଟ ଦେବା ସହ ଅନ୍ୟମାନଙ୍କୁ ଭୋଟ ଦେବା ପାଇଁ ଉତ୍ସାହିତ କରିବାକୁ କହିଥିଲେ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବହୁ ବ୍ୟକ୍ତିଙ୍କ ବଳିଦାନରେ ଆମକୁ ମିଳିଛି ଏହି ଗଣତନ୍ତ୍ର। ସାରା ବିଶ୍ୱରେ ଆମର ଗଣତନ୍ତ୍ର ସର୍ବ ବୃହତ। ଆମ ସହିତ ସ୍ୱାଧୀନତା ପାଇଥିବା ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ନିଜର ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଏବେ ସଂଗ୍ରାମ କରୁଛନ୍ତି । ଅନ୍ୟ ପକ୍ଷରେ ଆମର ଗଣତାନ୍ତ୍ରିକ ପଦ୍ଧତି ଚାଲୁ ରହିଛି କିନ୍ତୁ ସମୟକ୍ରମେ ଏହାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଏଥିରେ ମୂଳ ଅଂଶୀଦାର ହେଉଛନ୍ତି ଆମର ଭୋଟଦାତା; ବିଶେଷ କରି ନୂଆ ଏବଂ ଯୁବ ଭୋଟରମାନେ ଏହି ବିକାଶ ମୂଳକ ପ୍ରକ୍ରିୟାର ମଙ୍ଗ ଧରିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ବିଏମସି କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ । ଆଳସ୍ୟ ଭାବ ହେତୁ ଭୋଟ ନ ଦେବା ଏକ ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁର୍ଣ୍ଣ କରୁଛି। ତେଣୁ ପ୍ରତି ନିର୍ବାଚନରେ ଆଗ୍ରହର ସହିତ ମତଦାନ କରିବା ଅଭ୍ୟାସକୁ ସମସ୍ତେ ଆପଣେଇବାକୁ ସେ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱରରେ ହେଉଥିବା ୪୩ ପ୍ରତିଶତ ଭୋଟ ହାରକୁ ଶତ ପ୍ରତିଶତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ଅନ୍ତର୍ଗତ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାୟ ୭୦୦ ବୁଥ ରହିଛି। ସେଗୁଡ଼ିକ ମଧ୍ୟରୁ ପ୍ରାୟ ୩୫୦ରୁ ଅଧିକ ବୁଥରେ କେବଳ ମହିଳା ଅଧିକାରୀ ଓ କର୍ମଚାରୀ ବୁଥ ପରିଚାଳନା କରିବେ।

# ସ୍ୱାଭିମାନ ଦିବସ ପାଳନ ପ୍ରସ୍ତୁତି ବୈଠକ



ବସ୍ତା, ୨୫/୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ସ୍ୱାଭିମାନ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ନାଇସର କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପରିସରରେ ପରିଷଦର ଆବାହକ ସୁଧାକର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ଏପ୍ରିଲ ମାସ ୨୮ ତାରିଖରେ ରୂପସାସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ସ୍ୱାଭିମାନ ଦିବସ ପାଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଭିକାରୀ ଚରଣ ମିସ୍ତ୍ରୀ ପରିଷଦର ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଗୋପାଳ ଚନ୍ଦ୍ର ସାହୁ ଓ ଗନ୍ଧମାର୍ଦ୍ଦନ ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଦସ୍ୟ ପ୍ରଫୁଲ୍ଲ କୁମାର ବେହେରା, ଗୌରାଙ୍ଗ ପଣ୍ଡା, ଅମୂଲ୍ୟ କୁମାର ବେହେରା, ଜଗନ୍ନାଥ ସ୍ୱାଇଁ, ଅନନ୍ତ କୁମାର ସାହୁ, ବିନୟ କୁମାର ବେହେରା, ଅନ୍ତର୍ଯ୍ୟାମୀ ମହାପାତ୍ର, ଗଣେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିତେନ୍ଦ୍ର କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ପାଇଁ ରାଜ୍ୟରେ ଅତିରିକ୍ତ ୧୦ କମ୍ପାନୀ ସଶସ୍ତ୍ର ପୋଲିସ ମୁତୟନ

ଭୁବନେଶ୍ୱର, ୨୫/୪ (ନି.ପ୍ର): ଓଡ଼ିଶାରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ ଓ ସ୍ୱଚ୍ଛ ରୂପେ ସଂପନ୍ନ କରାଇବା ପାଇଁ ସୁରକ୍ଷା ଓ ଆଇନଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ସେହି କ୍ରମରେ ରାଜ୍ୟରେ ଅତିରିକ୍ତ ୧୦ କମ୍ପାନୀ ତ୍ରିପୁରା ରାଜ୍ୟ ସଶସ୍ତ୍ର ପୋଲିସ (ଭାରତ ରିଜର୍ଭ ବାଟାଲିୟନ୍) ମୁତୟନ ପାଇଁ ନିଷ୍ପତି ହୋଇଛି। ଏହି ଦଶ କମ୍ପାନୀ ସଶସ୍ତ୍ର ପୋଲିସ ବଳ ଓଡ଼ିଶାର ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, ଢେଙ୍କାନାଳ, ସୋନପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ମୁତୟନ ହେବେ। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ନିର୍ଦ୍ଦେଶରେ ରାଜ୍ୟ ପୋଲିସ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଡିଜି ସଞ୍ଜୟ କୁମାର, ସିଏପିଏଫ୍ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଡିଜି ଶ୍ରୀ ଏସ୍. ଦେବଦତ ସିଂ ଓ ଷ୍ଟେଟ୍ ଫୋର୍ସ କୋର୍ଡିନେଟର ତଥା ସିଆରପିଏଫ୍ ଆଇଜି ଶ୍ରୀମତୀ ଅର୍ଚ୍ଚନା ଶିବହରେଙ୍କ ମଧ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକ ପରେ ତୃତୀୟ ପର୍ଯ୍ୟାୟ ମୁତୟନ ଚୂଡ଼ାନ୍ତ ହୋଇଥିଲା। ଏହି କମ୍ପାନୀଗୁଡ଼ିକ ନିଜ ନିଜର ମୁତୟନ ହୋଇଥିବା ସ୍ଥାନରେ ୨୦୨୪ ମଇ ୧ ତାରିଖରୁ କାର୍ଯ୍ୟ ଆରମ୍ଭ କରିବେ । ରାଜ୍ୟରେ ସୁରକ୍ଷିତ ନିର୍ବାଚନ ଓ ଶାନ୍ତିଶୃଙ୍ଖଳା ମଧ୍ୟରେ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ପାଇଁ ପୂର୍ବରୁ ରହିଥିବା ସଶସ୍ତ୍ର ବାହିନୀ ଓ ପୋଲିସ ବଳ ସହ ମିଶି ଏହି ୧୦ କମ୍ପାନୀ ରାଜ୍ୟ ସଶସ୍ତ୍ର ବାହିନୀ, ତ୍ରିପୁରା ବିଶେଷ ସହାୟକ ହେବେ ।

# ଟ୍ୟାଙ୍କର ପାଣି ଉପରେ ନିର୍ଭରଶୀଳ ଦାମୁସାହି ଗ୍ରାମବାସୀ

ଉଦଳା, ୨୫/୪ (ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଦାମୁସାହି ରାଜସ୍ୱ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି । ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଉକ୍ତ ଗ୍ରାମର ବାସିନ୍ଦାଙ୍କୁ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାଏ । ଟ୍ୟାଙ୍କର ପାଣି ଯୋଗାଇ ଦିଆଯିବା ଫଳରେ ଲୋକେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିଛନ୍ତି । ତେବେ ଏଠାରେ ପାଣିର ସ୍ଥାୟି ସମାଧାନ ପାଇଁ ପାଇପ ଯୋଗେ ପ୍ରତିଘରକୁ ପାଣି ଯୋଗାଇ ଦିଆଯାଉ ବୋଲି ଲୋକେ ଦାବି ଜଣାଇଛନ୍ତି । ପ୍ରକାଶ ଥାଉକି ଶ୍ରୀଦାମଚନ୍ଦ୍ରପୁର ପଂଚାୟତର ଦାମୁସାହି ଏକ ରାଜସ୍ୱଗ୍ରାମ ଅଟେ ।



# ଦାୟିତ୍ୱ ହସ୍ତାନ୍ତର

ବାଲେଶ୍ୱର, ୨୫/୪ (ନି.ପ୍ର): ଦୃଷ୍ଟିହୀନ ବିଦ୍ୟାଳୟ ରାଣୀ ପାଟଣା ବାଲେଶ୍ୱର ରାଣୀ ପାଟଣା ସ୍ଥିତ ଦି ଓ୍ୱାଲ୍ ଫେୟାର ଦୃଷ୍ଟି ହୀନ ନେମନ୍ତ ବିଦ୍ୟାଳୟର ବିବାଦୀୟ ହାଇକୋର୍ଟ ନିର୍ଦ୍ଦେଶ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାପାଳ ନିର୍ଦ୍ଦେଶ ମୁତାବକ ତା ୨୫,୪,୨୦୨୪ ରିଖ ସରକାରୀ ପ୍ରଶାସନିକ ନିୟମ ,ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକୃଷ୍ଣ ଚନ୍ଦ୍ର ବେହେରା ଉପସ୍ଥିତିରେ ମାଜିଷ୍ଟ୍ରେଟ। ଶ୍ରୀ ଅମ୍ଳାନ ନାୟକ ଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠାନ ର ପୂର୍ବ କେ ୟା ର ଟେକର ଶ୍ରୀମତୀ ଗୋପ ମୁଦ୍ରା ମହାପାତ୍ରଙ୍କ ଠାରୁ ସଂସ୍ଥାର ସୃଷ୍ଟି କର୍ତ୍ତା ତଥା ନିର୍ଦ୍ଦେଶକ ଶ୍ରୀ ଦିବାକର ସ ଙ୍କୁ ଶିକ୍ଷାନୁଷ୍ଠାନ ର ଦାୟିତ୍ୱ ଅର୍ପଣ କଲେ। ପ୍ରକାଶ ଯେ ପୂର୍ବତନ ଜିଲ୍ଲାପାଳ ଆଇନ କୁ ଉଲ୍ଲଂଘନ୍ କରି, ରାତାରାତି ଅନୁଷ୍ଠାନ କୁ ଦିବାକର ସ ଙ୍କ ଠାରୁ, ଛଡାଇ ନେଇ ଗୋପମୁଦ୍ରା କୁ ଦେଇଥିଲେ ଫଳରେ ବେଆଇନ କାର୍ଯ୍ୟ ପାଇଁ ଦିବାକର ସ କୋର୍ଟ ର ଦ୍ୱାରସ୍ଥ ଦେଇଥିଲେ ।

# 'ଶବ୍ଦ କୁଞ୍ଜ'ର ଷଷ୍ଠତମ ସ୍ୱନକ୍ଷତ୍ର ଦିବସ ପାଳିତ



ବାଲିଆପାଳ , ୨୫/୪ (ନି.ପ୍ର): ସାହିତ୍ୟ ସାଧନା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ସାହିତ୍ୟ ସାଧନା ଜଣେ ବ୍ୟକ୍ତିକୁ ତାର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରେ ବୋଲି ବୁଧବାର ଚଉମୁଖ ସମୁଦ୍ର ବେଳାଭୂମିରେ ଶବ୍ଦକୁଞ୍ଜ ର ଷଷ୍ଠ ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ଡି .ଆ .ଇ . ତଥା ବିଶିଷ୍ଟ ଖ୍ୟାତି ସମ୍ପନ୍ନ ଲେଖକ ସୁବାସ ଚନ୍ଦ୍ର ଚୈଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସୁ ସାହିତ୍ୟିକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି , ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷକ ଓ ଶିଶୁ ସାହିତ୍ୟିକ ନଳିନୀକାନ୍ତ ପାଢୀ , ସମ୍ମାନିତ ଅତିଥି ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ନ୍ୟାସୀ ବେହେରା , ଓଡାନ ରାଜ୍ୟ ସାଧାରଣ ସମ୍ପାଦକ ସଦାଶିବ ସେଠୀ, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ସାହିତ୍ୟ ସହର ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଆଧୁନିକ ଯୁଗରେ ମାତୃଭାଷା ଓ ସାହିତ୍ୟର ଆଦର ସମାଜରେ ଧିରେ ଧିରେ କମିଯାଉଥିବା ସମୟରେ ଶବ୍ଦକୁଞ୍ଜ ଭଳି ସାହିତ୍ୟ ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମଧ୍ୟ କହିଥିଲେ। ସାହିତ୍ୟ ସାଧନା କେବଳ କବି ବା ଲେଖକ ତିଆରି କରେ ନାହିଁ , ନିଜର ପରିଚୟ ମଧ୍ୟ ସୃଷ୍ଟି କରିପାରେ । ଶବ୍ଦ କୁଞ୍ଜ ର ପ୍ରତିଷ୍ଠାତା କାର୍ତ୍ତିକ ସେଠୀ ସ୍ୱାଗତ ଭାଷଣ ଏବଂ ବିବରଣୀ ପ୍ରଦାନ କରିଥିବା ବେଳେ ଚଉମୁଖ ର କୁନି ଗାୟିକା ଶୁଭଶ୍ରୀ ବାରିକ୍, କ୍ରିଷ୍ଣା ରାଣୀ ପ୍ରଧାନ , ରାଜଶ୍ରୀ ବାରିକ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସାହିତ୍ୟରେ ବିଶେଷ ଅବଦାନ ପାଇଁ ରାଉରକେଲା ର କବି ମନୋଜ କୁମାର ଭୋଇ, ରଙ୍କନିଧି ସେଠୀ, ମନୋଜ କୁମାର ପ୍ରଧାନ, ରବୀନ୍ଦ୍ର ଦତ୍ତ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ନାଥ ପାତ୍ର, ବସୁମତୀ ସେଠୀ, ପୂର୍ଣ୍ଣ ଇନ୍ଦୁ ହାଜିରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଚୈତ୍ର ପୂର୍ଣ୍ଣିମା ଅବସରରେ ଆନନ୍ଦମ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ବିଶ୍ୱ ଶାନ୍ତି ହୋମଯଜ୍ଞ



ଭୁବନେଶ୍ୱର (୨୪/୪):ପବିତ୍ର ଚୈତ୍ର ପୂର୍ଣ୍ଣିମା ଏବଂ ହନୁମାନ ଜୟନ୍ତୀର ଶୁଭ ଅବସରରେ ୨୩ ଏପ୍ରିଲ, ମଙ୍ଗଳବାର ୨୦୨୪ ଦିନ ଭୁବନେଶ୍ୱର ନିଳାଦ୍ରି ବିହାର ସ୍ଥିତ ଶୋଭନୀୟ ଶିକ୍ଷ୍ୟାଶ୍ରମ ପରିସରରେ ଆନନ୍ଦମ ଫାଉଣ୍ଡେସନ ଦ୍ୱାରା 'ବିଶ୍ୱ ଶାନ୍ତି ହୋମଯଜ୍ଞ' ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ସକାଳ ୧୦ ଘଟିକାରେ ଆରମ୍ଭ ହୋଇଥିଲା । ଗାୟତ୍ରୀ ପରିବାର ତରଫରୁ ଶ୍ରୀ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ପୁରୋହିତ ଭାବେ ଯଜ୍ଞାନୁଷ୍ଠାନ ସମ୍ପର୍ଣ୍ଣ କରିଥିଲେ। ଶ୍ରୀ ଗଣେଶ ପ୍ରସାଦ ସାହୁ ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ଚନ୍ଦ୍ରକାନ୍ତା ସାହୁ ଯଜମାନର ଦାଇତ୍ୱ ନିର୍ବାହ କରିଥିଲେ । ଶୋଭନୀୟ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ମମତା ପ୍ରଧାନ ଏବଂ ଅନ୍ୟ ଗୁରୁମାମାନଙ୍କ ଆନ୍ତରିକ ସହଯୋଗ ଯଜ୍ଞ କାର୍ଯ୍ୟକୁ ସଫଳ ରୁପାୟନ କରିଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ଓ ସ୍ଥାନୀୟ ଲୋକମାନେ ହୃଦୟ ସହିତ ଅଂଶଗ୍ରହଣ କରିଥିଲେ । ପୂର୍ବାହ୍ନ ୨ ଘଟିକା ସମୟରେ ପୂର୍ଣ୍ଣାହୁତି ଏବଂ ମହାପ୍ରସାଦ ସହିତ ଏହା ସମାପ୍ତ ହୋଇଥିଲା । ଏହି ପବିତ୍ର ଅବସରରେ ଶ୍ରୀ ମନୋଜ ଦାସ (ସାଧାରଣ ସମ୍ପାଦକ, ଆନନ୍ଦମ ଫାଉଣ୍ଡେସନ), ଶ୍ରୀ ଚନ୍ଦ୍ର ରାଓ, ଶ୍ରୀ ବିଷ୍ଣୁ ଚରଣ ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ଅନିମେଶ ପ୍ରଧାନ ସମ୍ମାନିତ



ତାଲଚେର, ୨୫/୪ (ନି.ପ୍ର): ସମ୍ମାନ ଜନକ ୟୁପିଏସ୍‌ସି ସିଭିଲ ସର୍ଭିସେସ୍ ପରୀକ୍ଷା ୨୦୨୩ରେ ଏଆଇଆର-୨ ମାନ୍ୟତା ପାଇଥିବା ଅନିମେଶ ପ୍ରଧାନଙ୍କୁ ମହାନଦୀ କୋଲ୍‌ଫିଲଡ୍ସ ଲିମିଟେଡ୍ (ଏମ୍‌ସିଏଲ୍) ଏବଂ ଡିଏଭି ସ୍କୁଲ୍ କଳିଙ୍ଗ ପକ୍ଷରୁ ସମ୍ମାନିତ କରାଯାଇଛି । ତାଳଚେରରେ ଆୟୋଜିତ ଏକ ଉତ୍ସବରେ ଏମ୍ସିଏଲ୍ ନିର୍ଦ୍ଦେଶକ (ବୈଷୟିକ/ଅପରେସନ୍ ) ଜେ.କେ. ବୋରା ଏବଂ ତାଳଚେରସ୍ଥିତ ଡିଏଭି ସ୍କୁଲ୍ କଳିଙ୍ଗ ପକ୍ଷରୁ ଶ୍ରୀ ପ୍ରଧାନଙ୍କ ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଛନ୍ତି। ଏହି ଅବସରରେ ହିଙ୍ଗୁଳା ଅଞ୍ଚଳର ଜେନେରାଲ ମ୍ୟାନେଜର ମହମୁଦ ମିଆଁ, ଡିଏଭି କଳିଙ୍ଗର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ଏବଂ ବହୁ ସଂଖ୍ୟାରେ ଛାତ୍ର ଓ ଶିକ୍ଷକ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଅନିମେଶ ପ୍ରଧାନ ହେଉଛନ୍ତି ଡିଏଭି କଳିଙ୍ଗ ସ୍କୁଲ୍‌ର ପୂର୍ବତନ ଛାତ୍ର। ଏହି ଅବସରରେ ଶ୍ରୀ ପ୍ରଧାନ ଏମ୍‌ସିଏଲ୍ ଏବଂ ଡିଏଭି ବିଦ୍ୟାଳୟ ପ୍ରତି କୃତଜ୍ଞତା ଜଣାଇବା ସହ ସେ କହିଛନ୍ତି ଯେ, ଏମ୍‌ସିଏଲ୍ କ୍ରମାଗତ ଭାବରେ ମୋ' ଶୈକ୍ଷିକ ଯାତ୍ରାରେ ସର୍ବଦା ମାର୍ଗଦର୍ଶକ ଭାବେ କାର୍ଯ୍ୟ କରି ମୋତେ ଏହି ମହତ୍ତର ସଫଳତା ହାସଲ କରିବାରେ ସାହାଯ୍ୟ କରିଛି । ଏଥିସହ ସେ ବିଦ୍ୟାଳୟରେ ଥିବା ତାଙ୍କର ଅନୁଭୂତି ବାଣ୍ଟିବା ସହ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ସର୍ବୋତ୍ତମ ପ୍ରୟାସ ଜାରି ରଖିବାକୁ ପ୍ରେରଣା ଦେଇଥିଲେ ।

# ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବଶା ସମ୍ମାନିତ



ବାରିପଦା , ୨୫/୪ (ନି.ପ୍ର): ଓଡିଶା ନାଟ୍ୟ ଜଗତର ଅନ୍ୟତମ ଚର୍ଚ୍ଚିତ ଚେହେରା ଧୀର ବଶା ୧୯୭୦ ମସିହାରୁ ନାଟକ ସହିତ ଜଡିତ ହୋଇ ସେ ଆଉ ପଛକୁ ଫେରିନାହାନ୍ତି ଓ ୧୯୭୨ ମସିହା ଠାରୁ ଗୁରୁ ସ୍ୱର୍ଗତ ବିଜୟ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ବର୍ଷ ନାଟକ କରି ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଏ ପର୍ଯ୍ୟନ୍ତ ନାଟକ ସହିତ ଜଡିତ ଅଛନ୍ତି ଓ ନିକଟ ଅତିତରେ ନାଲକୋ ଦାମନଯୋଡି ପଞ୍ଚପଟ୍ଟାମାଳୀ ନାଟ୍ୟ ମହୋତ୍ସବରେ ବିଚାରକ ଭାବେ ଯୋଗ ଦେବା ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି ଓ ଖବର ପାଇ ବିଭିନ୍ନ ମହାଲରୁ ତାଙ୍କୁ ଅଭିନନ୍ଦନ ମିଳିଛି ଓ ପ୍ରକାଶ ଥାଉକି ଶ୍ରୀଯୁକ୍ତ ବଶା ୧୦୦ ରୁ ଅଧିକ ନାଟକରେ ଅଭିନୟ କରିବା ସହ ୧୫୦ ରୁ ଉର୍ଦ୍ଧ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି । ଭୁବନେଶ୍ୱର ଦୂରଦର୍ଶନ ଓ କଟକ ଆକାଶବାଣୀର ସେ ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଓ ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଭାବେ ସେ ବହୁବାର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଛନ୍ତି ଓ ୨୦୦୦ ମସିହାରେ ଓମ ନାଟ୍ୟସଂସ୍ଥା ଗଠନ କରି ଏଯାବତ ବହୁ ଯୁବ କଳାକାରଙ୍କୁ ନେଇ ନାଟକ କରିଆସୁଛନ୍ତି ଓ ୨୦୧୫ ମସିହାରେ ଓଡିଶା ସରକାର ତାଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ ଓ ୨୦୧୮ ମସିହାରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରିଥିଲେ।

# ଜଗା ଦର୍ଶନ ସାରି ଫେରିବାବେଳେ ସିଝି ଯାଉଛି ପାଦ

ପୁରୀ, ୨୫/୪ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଇଏ ଆଉ ଏକ ସାଇଡ୍-ଇଫେକ୍ଟ। ଜଗା ଦର୍ଶନ ସାରି ପ୍ରସନ୍ନ ମନରେ ନୁହେଁ କିଲିବିଲା ହୋଇ ବାହାରୁଛନ୍ତି ଶ୍ରଦ୍ଧାଳୁ। ସତେ ଯେମିତି ଉତ୍ତର ଦ୍ୱାର ବାହାରେ ଅପେକ୍ଷା କରିଛି ଅଗ୍ନିପଥ। ପେଭର ରୋଡ୍ ନୁହେଁ ତ ଜଳନ୍ତା ରଡ଼ ନିଆଁ। ଯେଉଁଠି ଗୋଟିଏ ପାଦ ଥାପିଲେ ପ୍ରାଣ ଛାଡ଼ିଗଲା ଭଳି ଲାଗୁଛି। ସେଠି ଖାଲି ପାଦରେ ପାରି ହେବାକୁ ପଡୁଛି ୩ଶହରୁ ୪ ଶହ ମିଟର ବାଟ। ତେଣୁ କିଏ ଡେଇଁ ଡେଇଁ ଯାଉଛି ତ ଆଉ କିଏ ଏକା ନିଶ୍ୱାସେ ରିତିମତ୍ ଦୌଡୁଛି। ମୁଣ୍ଡ ଉପରେ ଟାଇଁ ଟାଇଁ ଖରାଠୁ ବଳିଯାଉଛି ତତଲା ରାସ୍ତାର କଷ୍ଟ। ପିଲାଠୁ ବୁଢ଼ା ପୁରୁଷ ମହିଳା। ସମସ୍ତେ ଛଟପଟ ହୋଇ ଦୌଡୁଛନ୍ତି ଟିକେ ଛାଇ ଜାଗାକୁ। କିଏ ବିକଳରେ ପାଦରେ ପାଣି ଢାଳି ପକାଉଛି ତ ଆଉ କିଏ ରାସ୍ତା ଡିଭାଇଡରରେ ଥିବା ମାଟିରେ ଚାଲି ଚାଲି ଆସୁଛି। ଏବେ ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସ୍ଥିତି ଜାରି ରହିଥିବା ବେଳେ ଶ୍ରୀମନ୍ଦିରରୁ ବାହାରୁଥିବା ଶ୍ରଦ୍ଧାଳୁ ଉତ୍ତର ଦ୍ୱାର ଦେଇ ଜଳନ୍ତା ପରିକ୍ରମା ମାର୍ଗ ପଟେ ଖାଲି ପାଦରେ ବାହାରିବାକୁ ବାଧ ହେଉଛନ୍ତି। ଅନେକଙ୍କ ପାଦରେ ଫୋଟକା ପଡ଼ିଯାଉଛି। ଅଗ୍ନିଶମ ଗାଡ଼ିରେ ପାଣି ସିଞ୍ଚନ ହେଉଥିଲେ ବି ତାହା ବିଶେଷ ଫଳପ୍ରଦ ହେଉନଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏଠାରେ ଅନେକ ଦୋକାନ ବଜାର ଓ ମଠଗୁଡ଼ିକ ଥିଲା। ତେଣୁ ଶ୍ରୀମନ୍ଦିରରୁ ବାହାରୁ ବାହାରୁ ସହଜରେ ଛାଇ ପାଇ ପାରୁଥିଲେ ଶ୍ରଦ୍ଧାଳୁ। ହେଲେ ଏବେ ପରିକ୍ରମା ପ୍ରକଳ୍ପ ଯୋଗୁଁ ଶ୍ରଦ୍ଧାଳୁଙ୍କୁ ଅସହ୍ୟ ଯନ୍ତ୍ରଣା ସହିବାକୁ ପଡୁଥିବାରୁ ଏହାକୁ ପ୍ରଶାସନର ଦୂରଦୃଷ୍ଟିର ଅଭାବ ବୋଲି ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ ପ୍ରଚଣ୍ଡ ଗରମ ଗୁଳୁଗୁଳିରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ସେ କାଠ ହ୍ୱିଲ ଚେୟାର ହେଉକି ୪ ଜଣ ୬ସ୍ୱେଚ୍ଛାସେବୀ କାନ୍ଧରେ ବୋହିବାକୁ ଥିବା କାଠ ଚେୟାର ସବୁ ବ୍ୟବସ୍ଥା ଫେଲ୍ ମାରିଛି। ଏଭଳି ସ୍ଥିତିରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ନେଇ ଗତକାଲି ଛତିଶା ନିଯୋଗ ବୈଠକରେ ମଧ ଦାବି ଉଠିଥିଲା। ଅନ୍ୟପକ୍ଷରେ ଏହିସବୁ ଅସୁବିଧାକୁ ପୁରୀ ୫ଟ ସ୍ୱୀକାର କରିବା ସହ ଆଗକୁ ବ୍ୟାପକ ବ୍ୟବସ୍ଥା ହେବ ବୋଲି କହିଛନ୍ତି।

# ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ ବନ୍ଧୁ ସନ୍ତୁଙ୍କୁ ପଚରାଉଚରା କରୁଛି ସିବିଆଇ

କୋଲକାତା, ୨୫/୪ (ନି.ପ୍ର): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ମୋହମ୍ମଦ ଗିରଫ ହେବା ପରେ ଜେଲରେ ଥିବା ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ ସହଯୋଗୀଙ୍କୁ ସିବିଆଇ ପଚରାଉଚରା କରୁଛି। ସେ ବେହାଲା ଅଂଚଳର ବାସିନ୍ଦା। ତାଙ୍କ ନାମ ସନ୍ତୁ ଗାଙ୍ଗୁଲି । ସେ ତୃଣମୂଳ କଂଗ୍ରେସର ଜଣେ ନେତା ମଧ୍ୟ । ଗୁରୁବାର ଦିନ ସିବିଆଇ ଉକ୍ତ ବ୍ୟକ୍ତିଙ୍କୁ ନିଜାମ ପ୍ୟାଲେସକୁ ପଚରାଉଚରା ପାଇଁ ଡାକିଛି। ସୂଚନାନୁସାରେ, ସନ୍ତୁ ଏହି ଅଂଚଳର ପାର୍ଥ ନିକଟବର୍ତ୍ତୀ ବୋଲି ବିବେଚନା କରାଯାଏ। ଅନୁସନ୍ଧାନକାରୀ ସଂସ୍ଥା ଦାବି କରିଛି ଯେ ବେହାଲର ବାସିନ୍ଦା ସନ୍ତୁ ହୁଗୁଳିର ବହିଷ୍କୃତ ତୃଣମୁଳ ନେତା କୁନ୍ତଲ ଘୋଷ, ନିଯୁକ୍ତି ମାମଲାରେ ଜଡିତ ବ୍ୟବସାୟୀ ଅୟନ ସିଲ ଏବଂ ଏପରିକି କାଳିଘାଟର କାକୁଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହାପୂର୍ବରୁ ନିଯୁକ୍ତି ମାମଲାର ତଦନ୍ତରେ ସନ୍ତୁଙ୍କ ନାମ ଆସିଥିଲା। ତାଙ୍କ ଘରେ ମଧ୍ୟ ଖୋଜାଖୋଜି କରାଯାଇଥିଲା କିନ୍ତୁ ସିବିଆଇ ତାଙ୍କୁ ପ୍ରଥମ ଥର ପାଇଁ ଡକାଇଛି। କେବଳ ଏତିକି ନୁହେଁ, ଗୁରୁବାର ଦିନ ସନ୍ତୁଙ୍କୁ ପଚରାଉଚରାର ୨୪ ଘଂଟା ପୂର୍ବରୁ ସିବିଆଇ ଅୟନଙ୍କୁ ମଧ ପଚରାଉଚରା ପାଇଁ କୋର୍ଟରେ ଆବେଦନ କରିଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo